୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27. No.100 Bhubaneswar Wednesday May 28 2025 | ୨୭ତମ ବର୍ଷ ସଂଖ୍ୟା-୧୦୦ ଭୁବନେଶ୍ୱର, ବୁଧବାର, ମଇ ୨୮, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# ଭାଙ୍ଗିଲା ତୋଡ ! ଇରାନରୁ ଭାରତକୁ ଶାନ୍ତି ଆଲୋଚ଼ନା ପାଇଁ ପାକ୍ ପ୍ରଧାନମନ୍ତ୍ରୀଙ୍କ ପ୍ରସ୍ତାବ

ଭୁବନେଶ୍ୱର,୨୭।୫(ପି.ଏନ): ଅପରେସନ ସିନ୍ଦୂରରେ ଘାଇଲା ହୋଇ ଭାରତ ବିରୋଧରେ ମିଛର ବଜାର ଖୋଲିଥିବା ପାକିସ୍ତାନ ଏବେ ବିଭିନ୍ନ ଦେଶ ବୁଲିବୁଲି ସମର୍ଥନ ହାସଲ କରିବାକୁ ଉଦ୍ୟମ କରୁଛି। ଭାରତୀୟ ସେନାର ଆକ୍ରମଣ ଯୋଗୁ ଦୋହଲି ଯାଇଥିବା ପାକିସ୍ତାନ ପ୍ରଥମେ ମୁହଁ ଫୁଟାଣି ମାରୁ ଥିଲା। ଭାରତ ବିରୋଧରେ ତଥାକଥିତ ବିଜୟର ଡେଙ୍ଗୁରା ପିଟୁଥିଲା। ମିଛି ଫଟୋ ଜରିଆରେ ବୀରତା ଦେଖାଇବାକୁ ଚେଷ୍ଟା କରି ଲୋକହସା ହୋଇଥିବା ପାକିସ୍ତାନର ମୁହଁ ଫୁଟାଣି ଭାଙ୍ଗିଛି।ଭାରତକୁ ନାଲି ଆଖି ଦେଖାଉଥିବା ପାକିସ୍ତାନ ଏବେ ଇରାନକୁ ନୂଆଦିଲ୍ଲୀକୁ ଶାନ୍ତି ଆଲୋଚ଼ନାର ପ୍ରସ୍ତାବ ଦେଇଛି। ଅବଶ୍ୟ ପାକିସ୍ତାନର ଏହା ଲୋକ ଦେଖାଣିଆ କାମ। କିନ୍ତୁ ଇରାନର ସମର୍ଥନ ହାସଲ କରିବା ପାଇଁ ପାକିସ୍ତାନ ସରକାର ଭାରତ ସହ ଆଲୋଚ଼ନା ଚ଼ାହୁଁଥିବା ଜଣାଇବାକୁ ଚେଷ୍ଟା କରିଛି।ଇରାନ ଗସ୍ତରେ ଥିବା ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଭାରତ ସହ ଶାନ୍ତି ଆଲୋଚ଼ନା କରିବାକୁ ରାଜି ଥିବା କହିଛନ୍ତି। ଦୁଇ ପଡ?ଶୀ ରାଷ୍ଟ୍ର ମଧ୍ୟରେ କଶ୍ମୀର, ଆତଙ୍କବାଦ, ଜଳ ଭାଗବଣ୍ଟା ଓ ବାଣିଜ୍ୟ ସମେତ ସମସ୍ତ ପ୍ରସଙ୍ଗରେ ଆଲୋଚ଼ନା ହେବା ଦରକାର ବୋଲି ଶରିଫ ମତ ରଖିଛନ୍ତି।



# କମର୍ସିଆଲ୍ ପାଇଲଟ୍ ଲାଇସେନ୍ସ ପ୍ରାପ୍ତ କଲେ ସୋନାଲିକା

ଭୁବନେଶ୍ୱର,୨୭।୫(ପି.ଏନ): କମର୍ସିଆଲ୍ ପାଇଲଟ୍ ଲାଇସେନ୍ସ ପ୍ରାପ୍ତ କଲେ କଟକ ଜିଲ୍ଲା ନରସିଂହପୁରର ଝିଅ ସୋନାଲିକା ମିଶ୍ର । ୨୦୦ ଘଣ୍ଟା ଉଡ଼ାଣ ପୂରଣ କରି ଡିଜିସିଏ ଦ୍ୱାରା ଗଠିତ ସମସ୍ତ ପରୀକ୍ଷା ଉତିର୍ଣ୍ଣ କରି କମର୍ସିଆଲ୍ ପାଇଲଟ୍ ଲାଇସେନ୍ସ ପ୍ରାପ୍ତ କରିଛନ୍ତି । ସୋନାଲିକା ହେଉଛନ୍ତି ନରସିଂହପୁରର ବରିଷ୍ଠ ଆଇନଜୀବୀ ନିର୍ମଳେନ୍ଦୁ ମିଶ୍ରଙ୍କ ଝିଅ । ସେ ନରସିଂହପୁରରେ ନିଜର ପ୍ରାଥମିକ ଶିକ୍ଷା ଆରମ୍ଭ କରିବା ପରେ ପାଇଲଟ ହେବା ପାଇଁ ଲକ୍ଷ୍ୟ ରଖିଥିଲେ । ଏହି ସଫଳତା ପାଇବା ପରେ ଜାତୀୟ ତଥା ଅନ୍ତର୍ଜାତୀୟ କ୍ଷେତ୍ରରେ ଉଡାଣ ଭରିବାକୁ ଲକ୍ଷ୍ୟ ରଖିଛନ୍ତି ସୋନାଲିକା। ତାଙ୍କର ଏହି ସଫଳତା ପାଇଁ ବାପା ମା' ଓ ପରିବାର ବର୍ଗଙ୍କୁ ଶ୍ରେୟ ଦେଇଛନ୍ତି। ଝିଅର ଏହି ସଫଳତା ପରେ ପରିବାର ଲୋକେ ଖୁସି ବ୍ୟକ୍ତ କରିଛନ୍ତି ।



# ଉତ୍କଳ ୟୁନିଭର୍ସିଟିର ଅସ୍ଥାୟୀ କୁଳପତି ହେଲେ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ

ଭୁବନେଶ୍ୱର,୨୭।୫(ପି.ଏନ): ଉତ୍କଳ ୟୁନିଭର୍ସିଟିର ଅସ୍ଥାୟୀ କୁଳପତି ହେଲେ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ । ରାଜଭବନ ପକ୍ଷରୁ ପ୍ରକାଶ ପାଇଥିବା ନିର୍ଦ୍ଦେଶନାମା ଅନୁସାରେ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ନୂଆ ଭିସିଙ୍କ ନିଯୁକ୍ତି ପର୍ଯ୍ୟନ୍ତ ଦାୟିତ୍ୱରେ ରହିବେ। ବାୟୋଟେକ୍ନୋଲୋଜି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ । ପ୍ରଫେସର ସବିତା ଆଚ଼ାର୍ଯ୍ୟଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ୩ଦିନ ଧରି ବିନା କୁଳପତିରେ ଚ଼ାଲିଥିଲା ବିଶ୍ୱବିଦ୍ୟାଳୟ । ସେହିଦିନ ଠାରୁ ଖାଲି ପଡିଥିଲା ଭିସି ପଦବୀ । ସୋସିଆଲ ମିଡିଆରେ ଚ଼ର୍ଚ୍ଚା ପରେ ଅସ୍ଥାୟୀ କୁଳପତି ନିଯୁକ୍ତ ହୋଇଛନ୍ତି ।

# ଆବାସ ଯୋଜନା: ଆବେଦନର ଶେଷ ତାରିଖ ମେ' ୩୧

ଭୁବନେଶ୍ୱର,୨୭।୫(ପି.ଏନ): ଆବାସ ଯୋଜନା ଆବେଦନର ଶେଷ ତାରିଖ ମେ' ୩୧। ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଏନେଇ ସୂଚ଼ନା ଦେଇଛନ୍ତି । ବର୍ତ୍ତମାନ ସୁଦ୍ଧା ୩୬ ଲକ୍ଷ ୮୧ ହଜାର ତାଲିକା ପହଞ୍ଚିଛି । ଯେଉଁମାନେ ପଞ୍ଜିକରଣ କରିନାହାନ୍ତି, ତୁରନ୍ତ କର ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି। ତେବେ ମାସେ କି ଦୁଇ ମାସ ଭିତରେ ହିତାଧିକାରୀ ଚ଼ୟନ ସରିବ ।ନିଜର ଘର କିଣିବା ପ୍ରତ୍ୟେକ ବ୍ୟକ୍ତିର ସ୍ୱପ୍ନ। ପ୍ରାୟତଃ ଲୋକମାନଙ୍କୁ ନିଜର ଘର କିଣିବା ପାଇଁ ବହୁତ ସମୟ ଲାଗେ। ଅନ୍ୟପକ୍ଷରେ ଦେଶରେ ଏବେ ବି ଅନେକ ଲୋକ ଅଛନ୍ତି ଯେଉଁମାନେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଏବଂ ନିଜର ଘର ତିଆରି କରିପାରୁ ନାହାନ୍ତି। ଏପରି ଲୋକଙ୍କ ନିଜସ୍ୱ ଘର ପାଇବାର ସ୍ୱପ୍ନକୁ ପୂରଣ କରିବା ଏବଂ ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇବା ପାଇଁ, ଭାରତ ସରକାରଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପରିଚ଼ାଳିତ ହେଉଛି।

# ଗାଁକୁ ନାହିଁ ପକ୍କା ରାସ୍ତା, ପହଞ୍ଚି ପାରୁନି ଆମ୍ବୁଲାନ୍ସ : ନିଦାବିଷ୍ଟୁ ପାଲଟିଛି ପ୍ରଶାସନ

ଭୁବନେଶ୍ୱର,୨୭।୫(ପି.ଏନ): ସ୍ୱାଧିନତାର ୭୭ ବର୍ଷ ପରେ ମଧ୍ୟ ରାସ୍ତା, ପିଇବା ପାଣି, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପାଇଁ ସଂଘର୍ଷ କରୁଛନ୍ତି ଲୋକେ । ସେହିପରି ରାୟଗଡ଼ା ଜିଲ୍ଲାର ସଦର ବ୍ଲକର ନାକ ତଳ ଶାରାପାଡ଼ି ଗାଁକୁ ଆଜି ପର୍ଯ୍ୟନ୍ତ ନିର୍ମାଣ ହୋଇପାରିନାହିଁ ପକ୍କା ରାସ୍ତା । ଫଳରେ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କାଲଖମା ପାହାଡ଼ି ରାସ୍ତାରେ ଲୋକେ ଯାତାୟତ କରୁଥିବା ବେଳେ ରାସ୍ତା ମଧ୍ୟରେ ରହିଥିବା ନଦୀରେ ପୋଲ ନଥିବାରୁ ଲୋକେ ପାଣିରେ ପଶି ବିପଦ ଶଙ୍କୁଳ ଅବସ୍ଥାରେ ନଦୀପାର ହେଉଛନ୍ତି । ରାସ୍ତା ନିର୍ମାଣ ପାଇଁ ଦାବି କରିଆସୁଥିଲେ ମଧ୍ୟ ମିଳୁଛି କେବଳ ମିଥ୍ୟା ପ୍ରତିଶୃତି ।ଗାଁକୁ ନାହିଁ ପକ୍କା ରାସ୍ତା । ଆବଡ଼ାଖାବଡ଼ା ରାସ୍ତାରେ ଯାତାୟତ କରୁଛନ୍ତି ଉପାନ୍ତ ଅଞ୍ଚଳ ଲୋକେ । ନିଦା ବିଷ୍ଟୁ ପାଲଟିଛି ପ୍ରଶାସନ । ରାସ୍ତା ନଥିବାରୁ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ରାୟଗଡ଼ା ସଦର ବ୍ଲକ ତାଡ଼ମା ପଞ୍ଚାୟତର ଶାରାପାଡ଼ି ଗାଁ ଲୋକେ । ଏହି ଆବଡ଼ାଖାବଡ଼ା ପାହାଡ଼ିଆ ରାସ୍ତାରେ ଚ଼ାଲିକରି ଯିବା କଷ୍ଟକର ହୋଇପଡୁଛି । ରାସ୍ତା ନଥିବା ବେଳେ ଲୋକଙ୍କ ଦୁଃଖ ବଢ଼ାଇ ଦେଉଛିଏ ରାସ୍ତା ମଧ୍ୟରେ ପ୍ରବାହିତ ନଦୀ । ପୋଲ ନଥିବାରୁ ଲୋକେ ନଦୀର ପାଣିରେ ପଶି ବିପଦ ସଙ୍କୁଳ ଅବସ୍ଥାରେ ନଦୀ ପାର ହୋଇଥାନ୍ତି । ଏପରିକି ଜରୁରୀ କାଳୀନ ପରିସ୍ଥିତି ଗାଁରେ ଆମ୍ବୁଲାନ୍ସ ପହଞ୍ଚିପାରିନଥାଏ । ଫଳରେ ରୋଗୀଙ୍କୁ ଚ଼ିକିତ୍ସା ପାଇଁ ଖଟିଆରେ ଦୀର୍ଘ ୨ କିଲୋମିଟର ବୋହି ଆଣିବାକୁ ପଡ଼ିଥାଏ । ବର୍ଷା ଦିନେ ଆସିଲେ ଲୋକଙ୍କ ଦୁଃଖ ଆହୁରି ବଢ଼ିଯାଇଥାଏ ।୧୦୦ରୁ ଅଧିକ ଜନ ସଂଖ୍ୟା ବିଶିଷ୍ଟ ଶାରପାଡ଼ି ଗାଁ ଲୋକଙ୍କ ପାଇଁ ମୌଳିକ ସୁବିଧା ସାତସପନ ପାଲଟିଛି । ଗାଁରେ ଅଙ୍ଗନବାଡି କେନ୍ଦ୍ର ନଥିବା ବେଳେ ସ୍କୁଲ ଯିବାକୁ ଛୋଟଛୋଟ ପିଲାମାନେ ଦୀର୍ଘ ଦୁଇ କିଲୋମିଟର ଆବଡ଼ାଖାବଡ଼ା ରାସ୍ତାରେ ଚ଼ାଲିକରି ଯାଇଥାନ୍ତି । ରାସନ ଚ଼ାଉଳ ହେଉକି ଭତ୍ତା ପାଇଁ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧା ବହୁ ଅସୁବିଧାର ସମ୍ମୁଖିନ ହୋଇଥାନ୍ତି । ରାସ୍ତା ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀଙ୍କଠୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଓ ନେତା ମନ୍ତ୍ରୀଙ୍କ ନିକଟରେ ଗୁହାରୀ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ବେଳେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧୁଛି । ପକ୍କା ରାସ୍ତାଟିଏ ପାଇଁ ଦୀର୍ଘ ବର୍ଷ ଧରି ସଂଘର୍ଷ କରୁଛନ୍ତି ଶାରାପାଡ଼ି ଗାଁ ଲୋକେ । କେବଳ ପ୍ରତିଶୃତି ପରେ ପ୍ରତିଶୃତି ମିଳୁଛି ସିନା ପକ୍କା ରାସ୍ତାଟିଏ ହୋଇପାରୁନାହିଁ ।





# ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚ଼ାପ; ଜାଣନ୍ତୁ, କେଉଁଠି ପ୍ରବଳ ଓ କେଉଁଠି ଅତି ପ୍ରବଳ ବର୍ଷା ହେବ

ଭୁବନେଶ୍ୱର,୨୭।୫(ପି.ଏନ): ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଲଘୁଚ଼ାପ କ୍ଷେତ୍ର। ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଆଜି ଉତ୍ତର ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚ଼ାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଉତ୍ତର ଦିଗରେ ଗତି କରି ଆସନ୍ତା ୪୮ ଘଣ୍ଟାରେ ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି। ଲଘୁଚ଼ାପ ପ୍ରଭାବରେ ରାଜ୍ୟରେ ମେ' ୩୧ ତାରିଖ ଯାଏଁ ବର୍ଷା ହେବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଲଘୁଚ଼ାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ମେଘୁଆ ପାଗ ରହିଥିବା ବେଳେ ଭୁବନେଶ୍ୱର ସମେତ ଆଉ କିଛି ସ୍ଥାନରେ ବର୍ଷା ହେଉଛି। କେଉଁଠି ଝିପିଝିପି ତ କେଉଁଠି ଜୋରରେ ବର୍ଷା ହେଉଛି।

ଅନ୍ୟପକ୍ଷରେ ରାଜ୍ୟରେ ବର୍ଷା ନେଇ ସବୁ ଜିଲ୍ଲାପାଳମାନଙ୍କୁ ଚ଼ିଠି ଲେଖିଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍?ଆରସି)। ସତର୍କ ରହିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଲୋକଙ୍କୁ ସଚେତନ କରିବା ସହ କ୍ଷୟକ୍ଷତି ବାବଦରେ ତୁରନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ଏସଆରସି।

ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ 'ଏକ୍ସ'ରେ ଜାରି କରାଯାଇଥିବା ସୂଚ଼ନା ଅନୁଯାୟୀ, ଆସନ୍ତାକାଲି (ମେ' ୨୮) ସକାଳ ସା?? ପର୍ଯ୍ୟନ୍ତ କଟକ, ଯାଜପୁର, କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି। ଏହି ସବୁ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଅତି ପ୍ରବଳ ବର୍ଷା (୧୨ସେମିରୁ ୨୦ସେମି) ହେବାର ସମ୍ଭାବନା ରହିଛି। ଜିଲ୍ଲାରେ ବର୍ଷା ସହିତ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ହେବାର ସମ୍ଭାବନା ରହିଛି। ତା' ସହିତ ବିଜୁଳି ମଧ୍ୟ ମାରିବ।ସେହିଭଳି ଆସନ୍ତାକାଲି ସକାଳ ସା?? ୮ଟା ପର୍ଯ୍ୟନ୍ତ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡା, ଗଜପତି, କନ୍ଧମାଳ, ନୂଆପଡା, ବରଗଡ, ସୋନପୁର, ବୌଦ୍ଧ, ସମ୍ବଲପୁର, ସୁନ୍ଦରଗଡ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଖୋର୍ଦ୍ଧା ଓ ପୁରୀ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସବୁ ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷା ସହିତ ଏହି ସବୁ ଜିଲ୍ଲାରେ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ହେବ ଓ ବିଜୁଳି ବି ମାରିବ।

ଗଞ୍ଜାମ, ବଲାଙ୍ଗିର, ନୟାଗଡ, ଅନୁଗୋଳ, ଦେବଗଡ, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି। ଏହି ସବୁ ଜିଲ୍ଲାରେ ବର୍ଷା ସହିତ ବିଜୁଳି ମାରିବ ଓ ପବନ ହେବ।

୨୮ ତାରିଖ ସକାଳ ସା?? ୮ଟାରୁ ୨୯ ତାରିଖ ସକାଳ ସା?? ୮ଟା ପର୍ଯ୍ୟନ୍ତ କଟକ, ଜଗତସିଂହପୁର, ପୁରୀ, କୋରାପୁଟ ଓ ରାୟଗଡା ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସବୁ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତା' ସହିତ ଘଣ୍ଟା ପ୍ରତି ୫୦ରୁ ୬୦ କିମି ବେଗରେ ପବନ ହେବ ଓ ବିଜୁଳି ମଧ୍ୟ ମାରିବ।

ବାକି ସବୁ ଜିଲ୍ଲାଗୁଡିକୁ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେଥିରୁ ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଜପତି, ଗଞ୍ଜାମ, ନୟାଗଡ, ଖୋର୍ଦ୍ଧା, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ତା' ସହିତ ଘଣ୍ଟା ପ୍ରତି ୫୦ରୁ ୬୦ କିମି ବେଗରେ ପବନ ହେବ ଓ ବିଜୁଳି ମଧ୍ୟ ମାରିବ।ନୂଆପଡା, ବଲାଙ୍ଗିର, ବରଗଡ, ଝାରସୁଗୁଡା, ସମ୍ବଲପୁର, ସୋନପୁର, ବୌଦ୍ଧ, ଅନୁଗୋଳ, ଦେବଗଡ ଓ ସୁନ୍ଦରଗଡ ଜିଲ୍ଲାରେ ବର୍ଷା ସହିତ ବିଜୁଳି ଓ ଘଣ୍ଟାପ୍ରତି ୪୦ରୁ ୫୦ କିମି ବେଗରେ ପବନ ହେବାର ସମ୍ଭାବନା ରହିଛି।

୨୯ ତାରିଖ ସକାଳ ସାଢ଼େ ୮ଟାରୁ ୩୦ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡା ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି। ଏହି ସବୁ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତା' ସହିତ ଘଣ୍ଟା ପ୍ରତି ୫୦ରୁ ୬୦ କିମି ବେଗରେ ପବନ ହୋଇପାରେ।

ଏହି ସମୟ ପାଇଁ ବର୍ଷା ନେଇ ବାକି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେଥିରୁ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡା, ଗଜପତି, କନ୍ଧମାଳ, ଅନୁଗୋଳ, ଢେଙ୍କାନାଳ, କଟକ, ଜଗତସିଂହପୁର, ଯାଜପୁର, କେନ୍ଦୁଝର ଓ ସୁନ୍ଦରଗଡ ଜିଲ୍ଲାର ଗୋଟିଏ ବି ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।



# ଅଦିନିଆ କାଳବୈଶାଖୀ ବର୍ଷା ଆଣିଲା ଚ଼ାଷୀଙ୍କ ପାଇଁ ଦୁଃଖ

ଭୁବନେଶ୍ୱର,୨୭।୫(ପି.ଏନ): ଅଦିନିଆ କାଳବୈଶାଖୀ ବର୍ଷା ଆଣି ଦେଲା ଚ଼ାଷୀଙ୍କ ପାଇଁ ଦୁଃଖ । କେଉଁଠି ବିଲରେ ପଡି ଧାନ ଗଜା ହୋଇ ଗଲାଣି ତ କେଉଁଠି ଧାନ ଖରୀ ରେ ଗଜା ହେବାକୁ ବସିଲାଣି । ଅଦିନିଆ ବର୍ଷା ରେ ଓଦା ଧାନକୁ ନେଇ ଚ଼ିନ୍ତାରେ କଣ୍ଟାମାଳର ଚ଼ାଷୀ ।ଧାନ କ୍ଷେତରେ ଜମି ରହିଛି ପାଣି । କେଣ୍ଡାରେ ଗଜା ହୋଇଗଲାଣି ଧାନ। ଚ଼ାଷୀ ଉପରେ ଦାଉ ସାଧୁଛି କାଳବୈଶାଖୀ ବର୍ଷା । ଅଦିନିଆ କାଳ ବୈଶାଖୀ ବର୍ଷାରେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଅଞ୍ଚଳରେ ନଷ୍ଟ ହେବାକୁ ବସିଛି ରବି ଧାନ ଫସଲ । ପବନ ମାଡ଼ରେ ଜମିରେ ଧାନ ଗଛ ଲୋଟିପଡ଼ିଥିବା ବେଳେ ପାଚ଼ିଲା ଧାନ ଝଡ଼ିପଡୁଥିବା ବେଳେ ଅଦିନିଆ ବର୍ଷାରେ ଭିଜି ଧାନ ଗଜାହୋଇଗଲାଣି । ଅମଳ ସମୟ ହୋଇଥିବାରୁ ଓଦା ଧାନକୁ ସାଉଁଟି ଆଣି ରାସ୍ତାରେ ଶୁଖାଉଥିବା ଦେଖିବାକୁ ମିଳିଛି । ଚ଼ଳିତ ରବି ଧାନ ଫସଲ ଭଲ ହୋଇଥିବା ବେଳେ ଅମଳ ସମୟରେ କାଳବୈଶାଖୀ ବର୍ଷା ଯୋଗୁଁ ଫସଲ ନଷ୍ଟ ହେବାକୁ ଦେଖି ଚ଼ିନ୍ତାରେ ଚ଼ାଷୀ । ଋଣ କରି ଚ଼ାଷ କରିଥିବା ବେଳେ ଧାନ ଫସଲ ନଷ୍ଟ ନେଇ ଏବେ ଚ଼ାଷୀଙ୍କୁ ଚ଼ିନ୍ତା ଘାରିଛି । ଏବେ ମାନ ନିର୍ଦ୍ଧାରଣ କରି ଧାନ କିଣୁଛନ୍ତି ସରକାର । ମଣ୍ଡିରେ ଭିଜିଯାଇଥିବା ଧାନର କ୍ୱାଲିଟି କମ ରହିବା ସମ୍ଭାବନା ଦେଖାଦେଇଛି । ମଣ୍ଡିରେ ଧାନ କିପରି ବିକିବେ ତାହା ଏବେ ଚ଼ିନ୍ତାର କାରଣ ପାଲଟିଛି । ଅମଳ ଓଦା ଧାନକୁ ରାସ୍ତାରେ ଶୁଖାଇ ବିକ୍ରି କରିବାର ଆଶା ବାନ୍ଧିଛନ୍ତି ଚ଼ାଷୀ । ସେହିପରି କ୍ଷୟକ୍ଷତିକୁ ଆକଳନ କରି ସରକାର ତୁରନ୍ତ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି ଚ଼ାଷୀ । ଚ଼ାଷୀଙ୍କ ସରକାର ବୋଲି ବାହାବା ନେଉଥିବା ସରକାର ତୁରନ୍ତ ଚ଼ାଷୀଙ୍କ କ୍ଷୟକ୍ଷତି ଆକଳନ କରି ସହାୟତା ପ୍ରଦାନ କରିବାକୁ ଚ଼ାଷୀ ଦାବି କରିଛନ୍ତି ।





# ରାଜ୍ୟ ସରକାରଙ୍କ ନୂଆ ନିର୍ଦ୍ଦେଶ: ସରକାରୀ ଉପଯୋଗ ପାଇଁ ଘରୋଇ ଗାଡି ଭଡା ଦର ବଢ଼ିଲା

ଭୁବନେଶ୍ୱର,୨୭।୫(ପି.ଏନ): ସରକାରୀ ଅଫିସ, ଅଫିସର ଏବଂ ଭିଭିଆଇପିଙ୍କ ଦ୍ୱାରା ବ୍ୟବହୃତ ଘରୋଇ ଗାଡିଗୁଡିକର ଭଡାକୁ ରାଜ୍ୟ ସରକାର ସୋମବାର ସଂଶୋଧନ କରିଛନ୍ତି। ଏଥିରେ ବିଭିନ୍ନ ଶ୍ରେଣୀର ଗାଡି ପାଇଁ ମାସିକ ଭଡା ଦର ଓ ସର୍ବନିମ୍ନ ମାଇଲେଜ୍ ନିର୍ଦ୍ଧାରଣ କରାଯାଇଛି । ପ୍ରାୟ ୬ ବର୍ଷ ପରେ ଏହି ଭଡା ଦରରେ ସଂଶୋଧନ କରାଯାଇଥିବା ଅର୍ଥ ବିଭାଗ ପକ୍ଷରୁ ସୂଚ଼ନା ମିଳିଛି ।

ସଂଶୋଧିତ ଭଡା ଦର ଓ ମାଇଲେଜ୍?

ବ୍ଲକ, ତହସିଲ ଓ ଅନ୍ୟାନ୍ୟ କ୍ଷେତ୍ରୀୟ କାର୍ଯ୍ୟାଳୟ ପାଇଁ ଉପଯୋଗ ହେଉଥିବା ଗାଡିଗୁଡିକର ମାସିକ ଭଡା ଦର ୩୭୨୦୦ଟଙ୍କା ଓ ସର୍ବନିମ୍ନ ମାଇଲେଜ୍ ୧୦କିମି ପ୍ରତି ଲିଟରକୁ ବୃଦ୍ଧି କରାଯାଇଛି । ଯାହାକି ପୂର୍ବରୁ ୩୧ହଜାର ଟଙ୍କା ଥିଲା । ସେହିପରି ଜିଲ୍ଲା ଓ ରେଞ୍ଜ ସ୍ତରୀୟ କାର୍ଯ୍ୟାଳୟ ପାଇଁ ଘରୋଇ ଗାଡିଗୁଡିକର ଭଡା ୨୪ହଜାର (ପୂର୍ବରୁ ୨୦ହଜାର ଟଙ୍କା) ଓ ମାଇଲେଜ୍ ୧୭ କିଲୋମିଟର ପ୍ରତି ଲିଟର ଧାର୍ଯ୍ୟ ହୋଇଛି । । ଜିଲ୍ଲାପାଳ, ପୁଲିସ ଏସପି ଓ ସମକକ୍ଷ ଅଧିକାରୀ ଉପଯୋଗ କରୁଥିବା ଘରୋଇ ଗାଡିର ଭଡା ମାସିକ ୪୪୪୦୦ ଟଙ୍କା (ପୂର୍ବରୁ ୩୭ହଜାର ଟଙ୍କା ଥିଲା) ଓ ମାଇଲେଜ୍ ୧୦ କିଲୋମିଟର ଧାର୍ଯ୍ୟ କରାଯାଇଛି ।

ବିଭାଗୀୟ ମୁଖ୍ୟ ଓ ପ୍ରଶାସନିକ ବିଭାଗର ପୁଲ ଗାଡି ପାଇଁ ଭଡା ୨୪ହଜାର ଟଙ୍କା ଓ ପ୍ରତି ଲିଟରରେ ମାଇଲେଜ୍ ୧୭ କିଲୋମିଟର ଧାର୍ଯ୍ୟ ହୋଇଛି ।ସ୍ୱତନ୍ତ୍ର ସଚ଼ିବ, ଅତିରିକ୍ତ ସଚ଼ିବ ଓ ନିର୍ଦ୍ଦେଶକ ଉପଯୋଗ କରୁଥିବା ଗାଡିର ଭଡା ୩୧୨୦୦ ଟଙ୍କା ଓ ଲିଟରପିଛା ମାଇଲେଜ୍ ୧୭ କିଲୋମିଟର ରହିଛି। ପ୍ରମୁଖ ସଚ଼ିବ ଓ କମିଶନର-ତଥା-ସଚ଼ିବ ପାହ୍ୟାର ଅଫିସରଙ୍କ ପାଇଁ ଗାଡି ଭଡା ୩୬ହଜାର ଟଙ୍କା ଓ ଲିଟରପିଛା ମାଇଲେଜ୍ ୧୨ କିଲୋମିଟର ରଖାଯାଇଛି । ସେହିପରି ଆପେକ୍ସ ସ୍କ?ଲ ଅଫିସର ଓ ମନ୍ତ୍ରୀମାନଙ୍କ ଉପଯୋଗରେ ଘରୋଇ ଗାଡିର ଭଡାକୁ ୫୦୪୦୦ଟଙ୍କା ଓ ମାଇଲେଜ୍ ୯ କିଲୋମିଟର ପ୍ରତି ଲିଟର ଧାର୍ଯ୍ୟ କରାଯାଇଛି ।

କଲେଜ, ବିଶ୍ୱବିଦ୍ୟାଳୟ ଓ ତାଲିମ ଅନୁଷ୍ଠାନ ପାଇଁ ୩୨-ସିଟର ଘରୋଇ ବସର ଭଡା ୯୦ହଜାର ଟଙ୍କା ଏବଂ ୨୫-ସିଟର ବସର ଭଡା ୭୧୫୦୦ ଟଙ୍କା ଏବଂ ଲିଟର ପିଛା ୬ କିଲୋମିଟର ଧାର୍ଯ୍ୟ ହୋଇଛି । ଏସବୁ ବ୍ୟତୀତ ସ୍ୱତନ୍ତ୍ର ଉଦ୍ଦେଶ୍ୟ ପାଇଁ ଉପଯୋଗ ହେଉଥିବା ଘରୋଇ ଗାଡି ମଧ୍ୟରେ ଟାଟା ଏସି ଓ ସମାନ ଧରଣର ଘରୋଇ ଗାଡିର ଭଡା ୩୩,୫୦୦ ଟଙ୍କା ଓ ସର୍ବନିମ୍ନ ମାଇଲେଜ୍ ଲିଟରପିଛା ୧୬ଟଙ୍କା ଧାର୍ଯ୍ୟ ହୋଇଛି। ମହିନ୍ଦ୍ରା ପିକଅପ୍ ଭ୍ୟାନ, ବୋଲେରୋ କ୍ୟାଂପର, ଟାଟା ୪୦୭ ଓ ଟାଟା ଯୋଦ୍ଧା ପିକଅପ୍ ପାଇଁ ଭଡା ୪୨ହଜାର ଟଙ୍କା ଏବଂ ମାଇଲେଜ୍ ୬ କିଲୋମିଟର ପ୍ରତି ଲିଟର ଧାର୍ଯ୍ୟ ହୋଇଛି ।

ବ୍ୟବହାର ସୀମା ଓ ନିୟମ

ବିଭାଗୀୟ ମୁଖ୍ୟ ଓ ତଦୁର୍ଦ୍ଧ ପ୍ୟାହାର ଉଚ୍ଚ ଅଧିକାରୀଙ୍କ ଗାଡି ମାସିକ ୨୫୦୦ କିଲୋମିଟର ଏବଂ ଅନ୍ୟ ଅଧିକାରୀ ଓ ପୁଲ ଡ୍ୟୁଟି ଗାଡି ୨ହଜାର କିଲୋମିଟର ପର୍ଯ୍ୟନ୍ତ ବ୍ୟବହାର କରାଯାଇପାରିବ । ୨୦%ରୁ ଅଧିକ ବ୍ୟତିକ୍ରମ ହେଲେ ପ୍ରଶାସନିକ ବିଭାଗ ଏନେଇ ଆବଶ୍ୟକ କାରଣ ଉଲ୍ଲେଖ କରି ଅର୍ଥ ଅନୁମୋଦନ କରିବ । ତେବେ ଏସବୁ ଭଡା ଦରରେ ଇନ୍ଧନ(ତେଲ,ସିଏନଜି) ଆଦି ସାମିଲ ନୁହେଁ ଓ ନିୟମ ଅନୁସାରେ ଏହି ଇନ୍ଧନ ଖର୍ଚ୍ଚକୁ ଅତିରିକ୍ତ ପ୍ରଦାନ କରାଯିବ । ଗାଡି ଭଲ ଅବସ୍ଥାରେ ଥିବା ଦରକାର ଏବଂ ବୋଲି ଦାଖଲ ସମୟରେ ୩ ବର୍ଷରୁ ଅଧିକ ପୁରୁଣା ହୋଇନଥିବା ଉଚ଼ିତ । ୭ ବର୍ଷରୁ ଅଧିକ ପୁରୁଣା ଗାଡି ଉପଯୋଗ ହୋଇପାରିବ ନାହିଁ ଓ ଏହି ଟ୍ରାଭେଲସ୍ ସେବା ପ୍ରଦାନକାରୀଙ୍କର ବୈଧ ଜିଏସଟି ପଞ୍ଜୀକରଣ ଥିବା ଦରକାର ତଥା ନଗର ନିଗମ ଅଂଚ଼ଳରେ ଏହା ଜିଇଏମ୍ ପୋର୍ଟାଲରେ ପଞ୍ଜିକୃତ ହେବା ମଧ୍ୟ ଜରୁରୀ ବୋଲି ଅର୍ଥ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି ।

ସରକାର କାହିଁକି ଏହି ନିଷ୍ପତ୍ତି ନେଲେ

ଏହି ନିଷ୍ପତ୍ତିର ମୁଖ୍ୟ କାରଣ ହେଉଛି ୨୦୧୯ ମସିହା ପରେ ବିଗତ ୬ ବର୍ଷରେ ଇନ୍ଧନ, ଗାଡି ରକ୍ଷଣାବେକ୍ଷଣ ଓ ଅନ୍ୟାନ୍ୟ ଖର୍ଚ୍ଚରେ ବୃଦ୍ଧି । ଏହା ସେବା ପ୍ରଦାନକାରୀଙ୍କୁ ବାସ୍ତବସଙ୍ଗତ ଖର୍ଚ୍ଚ ସହ ସମନ୍ୱୟ ରଖିବା ଓ ଉନ୍ନତ ମାନର ସେବା ନିଶ୍ଚିତ କରିବା ପାଇଁ କରାଯାଇଛି । ଜିଇଏମ୍ ପ୍ଲାଟଫର୍ମ ଓ ଜିଏସଟି ପଞ୍ଜୀକରଣ ଜରିଆରେ ସ୍ୱଚ଼୍ଛତା ଓ ଉତ୍ତରଦାୟିତ୍ୱ ବ?ାଇବାକୁ ଲକ୍ଷ୍ୟ ରଖାଯାଇଛି ।

# ଜମି ବିବାଦରୁ ଦୁଇ ପରିବାର ମଧ୍ୟରେ ସଂଘର୍ଷ: ଜଣେ ମୃତ

ଭୁବନେଶ୍ୱର,୨୭।୫(ପି.ଏନ): ଜମି ବିବାଦରୁ ଦୁଇ ପରିବାର ମଧ୍ୟରେ ସଂଘର୍ଷ। ଏଥିରେ ଜଣକର ମୃତ୍ୟୁ ହୋଇଛି। ୬ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଂକଟାପନ୍ନ ହୋଇଥିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ନୟାଗଡ଼ ସଦର ଥାନା ଦୁର୍ଦ୍ଦୁରା ଗାଁରେ ଘଟିଛି ଏହି ଘଟଣା। ମୃତକ ହେଲେ ବାବୁ ସ୍ୱାଇଁ । ଦୁର୍ଦ୍ଦୁରା ଗାଁର ଦୁଃଖିଶ୍ୟାମ ବଡତିଆ ଏବଂ ଭ୍ରମର ବଡତିଆ ଦୁଇଭାଇ । ଭ୍ରମର ନିଜର ଗୋଟିଏ ଯାଗାକୁ ଗାଁର ବାବୁ ସ୍ୱାଇଁଙ୍କୁ ବିକ୍ରି କରିବାକୁ କଥା ଦେଇଥିଲେ। ସେହି ଜାଗାକୁ ସାନଭାଇ ଦୁଃଖିଶ୍ୟାମ କିଣିବାକୁ ଇଚ଼୍ଛା ପ୍ରକାଶ କରିଥିଲେ। ଏହାକୁ ନେଇ ଦୁଃଖିଶ୍ୟାମ ଏବଂ ତାଙ୍କର ଦୁଇପୁଅ ମାରଣାସ୍ତ୍ର ଧରି ଆକ୍ରମଣ କରିବାରୁ ଘଟଣାସ୍ଥଳରେ ବାବୁ ସ୍ୱାଇଁଙ୍କର ମୃତ୍ୟୁ ହୋଇଛି। ତାଙ୍କ ସାନଭାଇ ଅମର ଗୁରୁତର ଆହତ ହୋଇଛନ୍ତି । ଆକ୍ରମଣ ପ୍ରତିଆକ୍ରମଣରେ ଭ୍ରମର ଏବଂ ଦୁଃଖିଶ୍ୟାମଙ୍କ ପରିବାରର ୫ଜଣ ଗୁରୁତର ଆହତ ହୋଇଛନ୍ତି । ଅମର ସ୍ୱାଇଁ , ଭ୍ରମର ବଡତିଆ ଏବଂ ମନୋଜ ବଡତିଆଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସଦରଥାନା ଆଇଆଇସି ଏବଂ ନୟାଗଡ ଏସଡିପିଓ ମେଡିକାଲରେ ପହଞ୍ଚି ଗୁରୁତରଙ୍କୁ ପଚ଼ରାଉଚ଼ରା କରିଛନ୍ତି।










# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

## ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବି୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭି୍ନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦ୍ଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଣ୍ଟ୍ୟକଙ୍କ ଭିଡ। ଏହି ଉଦ୍ଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ଟ୍ୟରେ ସାହାଯଣ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଟ୍ୟତି ହେବି ନାହିଁ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଡାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଡାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଡାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଡାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଣ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଣ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ଷ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ଜିଲ୍ଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରାଇରଙ୍ଗପୁର : ତିରିଂ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ,ତିରିଂ ପରିସରରେ ଜିଲ୍ଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି ।ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜୁନିୟର ରେଡ଼କ୍ରସ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗ ଦର୍ଶନରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶଶୀଧର ସିଂଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା ଯୋଗ ଦେଇ ରେଡ କ୍ରସର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମୂଖ୍ୟ ବକ୍ତା ଭାବେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସୁ ଶ୍ରୀ ଶ୍ରଦ୍ଧା ସୁମନ ଯୋଗ ଦେଇ ବିଶ୍ୱର ସର୍ବ ଶ୍ରେଷ୍ଠ ସେବା ସଂସ୍ଥା ରେଡ଼କ୍ରସର ପ୍ରତିଷ୍ଠାତା ହେନେରୀ ଡୁନାଷ୍ଟଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଶିବିରାର୍ଥୀ ମାନଙ୍କୁ ଉଦବୋଧନ ଦେଇଥିଲେ । ବିଶିଷ୍ଟ ଅତିଥିରୂପେ ଉପଖଣ୍ଡ ଚିକିତ୍ସାଳୟ



ରାଇରଙ୍ଗପୁରର ଅଧକ୍ଷ ରବୀନ୍ଦ୍ରନାଥ ମାରାଣ୍ଡି ଯୋଗ ଦେଇ ସେବା, ପରୋପକାରିତା ଓ ସର୍ବପରି ରକ୍ତଦାନ ଭଳି ମହତ ଗୁଣ ର ଅଧିକାରୀ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ କ୍ଷ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ଜୁନିୟର ରେଡ଼କ୍ରସ ସମ୍ପାଦକ ଭାଗିରଥି ମଲ୍ଲିକ ଶିବିରର ଆଭିମୁଖ୍ୟ ଓ ନିୟମାବଳୀ ବର୍ଣ୍ଣନା କରିଥିଲେ କ୍ଷଜିଲ୍ଲା ଜୁନିୟର ରେଡ କ୍ରସ ଅଧିକାରୀ ସ୍ମୃତି ରଞ୍ଜନ ପାଣି ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଜିଲ୍ଲା ସଂଯୋଜକ ଡ଼ ଶଶୀଧର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ସମ୍ମାନିତ ଅତିଥିଭାବେ ତିରିଂ ତହସିଲଦାର ସୁଶାନ୍ତ କୁମାର ଜବେହେରା, ତିରିଂ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯଜ୍ଞେଶ୍ୱର ଜେନା,ଜିଲ୍ଲା ପରିଷଦ ଜନତା ବସା, ପ୍ରମୁଖ ଯୋଗ ଦେଇଥିଲେଓ ଆୟୋଜକ ବିଦ୍ୟାଳୟରପ୍ରଧାନଶିକ୍ଷୟତ୍ରୀ ପ୍ରିୟଦର୍ଶିନୀ ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟ ଦିବସ ସନ୍ଧ୍ୟା କାଳୀନ ଅଧିବେଶନରେ ମୂଖ୍ୟ ଅତିଥି ଭାବେ ତିରିଂ ବ୍ଲକ ଅଧକ୍ଷ ପରମେଶ୍ୱର ସାମାଡ଼, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ପରିଷଦ ସଭ୍ୟ ପରେଶ ଚନ୍ଦ୍ର ମୁଣ୍ଡା, ସ୍ୱତନ୍ତ୍ର ଅତିଥି ଭାବେ ସଂସ୍କୃତି ପ୍ରେମୀ ନିରଞ୍ଜନ ପାଣି,ସମ୍ମାନୀୟ ଅତିଥି ଭାବେ ସଚ୍ଚିଦାନନ୍ଦ ମହାନ୍ତ, ବହଳଦା ବିଇଓ ଶୁଭଶ୍ରୀ ସିଂ, ତିରିଂ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସିପନ କୁମାର ନାୟକ,ବହଳଦା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ଗିରି,ଓଷ୍ଟା ରାଜ୍ୟ ଉପ ସଭାପତି ଜ୍ଞାନ ରଞ୍ଜନ ପାଣିଗ୍ରାହୀ,ଓଷ୍ଟା ବହଳଦା ବ୍ଲକ ସଭାପତି ରାଜ କିଶୋର ମହାନ୍ତ,ରେଡ଼କ୍ରସ ଆଜୀବନ ସଦସ୍ୟ ରବି ନାରାୟଣ କୁଅଁର, ଓଷ୍ଟା କାର୍ଯ୍ୟକାରୀ ସଭାପତି ପ୍ରକାଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ ଓ ପ୍ରଶିକ୍ଷକ ଭାବେ ରାଜ୍ୟ ସାଧନକର୍ମୀ ଉମାକାନ୍ତ ବେହେରା, ରାଜ୍ୟ ସାଧନକର୍ମୀ ବାମନ ଚରଣ ମହାନ୍ତି, ରାଜ୍ୟ ସାଧନକର୍ମୀ ଡ଼ ରମାକାନ୍ତ ମହାନ୍ତ, ଜିଲ୍ଲା ରେଡ଼କ୍ରସ ସଂଯୋଜକ ଡ଼ ଶଶୀଧର ବିଶ୍ୱାଳ,ରାଜ୍ୟ ସାଧନକର୍ମୀ ସତ୍ୟ ନାରାୟଣ ଦାସ, ରାଜ୍ୟ ସାଧନକର୍ମୀ ତଥା ଜିଲ୍ଲା ଜୁନିୟର ରେଡ଼କ୍ରସ ଅଧିକାରୀ ସ୍ମୃତିରଞ୍ଜନ ପାଣି, ସୀମାନ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡକ୍ଟର ରାଧାକାନ୍ତ ମହାରଣା ପ୍ରମୁଖଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ମଞ୍ଚାସିନ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ରାଜ୍ୟ ବିପର୍ଯ୍ୟୟ ପରିଚାଳନାର ସାଧନକର୍ମୀ ଚନ୍ଦନ କୁମାର ଦାସ, ପ୍ରାଥମିକ ଚିକିତ୍ସା ସାଧନକର୍ମୀ ମିତା ହାଁସଦା ପ୍ରମୁଖ ଯୋଗ ଦେଇଥିଲେକ୍ଷ ସେଣ୍ଟ୍ରାଲ ଅଫିସିୟାଲ ଭାବେ ହରିଶ୍ଚନ୍ଦ୍ର ରାଉତ,କେଶ୍ୱ ଚନ୍ଦ୍ର ବେହେରା,ବୀରେନ୍ଦ୍ର ଦଳେଇ, ଦୀପକ ରାମ,ମଦନ ମହାନ୍ତ,ପଙ୍କଜ ବେହେରା,ପ୍ରଦୀପ ଚୌଧୁରୀ, ଅଭିନନ୍ଦନ ମହୁରୀ, ମନୋରଞ୍ଜନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ କ୍ଷ ଶେଷରେ ତିରିଂ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପ୍ରିୟଦର୍ଶିନୀ ସେଠୀ ଧନ୍ୟବାଦ ଦେଇଥିଲେ । ଏଥିରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ଓ ତିରିଂ ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ,କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ।

# ଧର୍ମେନ୍ଦ୍ରଙ୍କୁ ଜ୍ୟୋତିଷ ଶାସ୍ତ୍ରରେ ମିଳିଲା ଡକ୍ଟରେଟ ଉପାଧି

ବେତନଟୀ(ହରିଶ୍ଚନ୍ଦ୍ର ସାମଲ) : ଭୁବନେଶ୍ୱରରେ ଆୟୋଜିତ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିଅରିଂ ପକ୍ଷରୁ ୧୮ତମ ଏସିଆନ ଜ୍ୟୋତିର୍ବିଦ ସମ୍ମିଳନୀ ଆୟୋଜିତ ହୋଇଥିଲା ଓ ଏଥିରେ ବେତନଟୀ ବ୍ଲକ ଅଧୀନ ରଘୁପୁର ପଞ୍ଚାୟତ ଖୁଣ୍ଟାପୁର ଗ୍ରାମର ଧର୍ମେନ୍ଦ୍ର ନାଥଙ୍କୁ ଡକ୍ଟରେଟ ଉପାଧିରେ ସମ୍ମାନିତ କରାଯାଇଛି ଓ ଉକ୍ତ ସମ୍ମିଳନୀରେ ଦେଶ ତଥା ଦେଶ ବାହାରୁ ବହୁ ଜ୍ୟୋତିଷ, ବାସ୍ତୁ ବିଜ୍ଞାନୀ, ହସ୍ତରେଖାବିଦ, ତନ୍ତ୍ରବିଦ ପ୍ରମୁଖ ଯୋଗ ଦେଇଥିଲେ ଓ ଧର୍ମେନ୍ଦ୍ର ଉଚ୍ଚ ଶିକ୍ଷିତ ହୋଇଥିବା ବେଳେ ଦୀର୍ଘ




ବର୍ଷ ଧରି ବାସ୍ତୁ ଏବଂ ଜ୍ୟୋତିଷ କାର୍ଯ୍ୟ କରିଆସୁଛନ୍ତି ଓ ଏହି ସମ୍ମିଳନୀରେ ଭୃଗୁ ଜ୍ୟୋତିଷ ସଂସ୍ଥାନର ଚେୟାରମ୍ୟାନ ପଣ୍ଡିତ ଶ୍ରୀଧର ଆଚାର୍ଯ୍ୟ ଏବଂ ନେପାଳରୁ ଆସିଥିବା ମୁଖ୍ୟ ଅତିଥି ଡ଼. ମହେନ୍ଦ୍ର ନାଥ ମୁଦ୍ରାଙ୍କ ଦ୍ୱାରା ଜ୍ୟୋତିଷରେ ଡାକ୍ତର ଉପାଧି ପ୍ରଦାନ କରାଯାଇଛି ଓ ଜ୍ୟୋତିଷ ଶାସ୍ତ୍ର ବହୁ ପ୍ରାଚୀନ ବିଦ୍ୟା ହୋଇଥିଲେ ମଧ୍ୟ ଲୋକଙ୍କର ଆସ୍ଥା ଓ ବିଶ୍ୱାସ ପାଇଁ ଏହାର ଅଭିବୃଦ୍ଧି ଘଟୁଛି ଏଣୁ ଆଜିର ଯୁବପିଢ଼ି ଏ ଦିଗରେ ଆଗେଇ ଆସିବା ନିମନ୍ତେ ଶ୍ରୀ ଧର୍ମେନ୍ଦ୍ର ଆହ୍ୱାନ କରିଛନ୍ତି ।

# ବାଲେଶ୍ୱର ଜିଲ୍ଲା ୮୦ ତମ କ୍ରୀଡା ଦିବସ ପାଳିତ




ବାଲେଶ୍ୱର : ବାଲେଶ୍ୱର ଜିଲ୍ଲା କ୍ରୀଡା ସଂଘର ୮୦ ତମ ତିନି ଋତରେ ଦିନିଆ ତିନିଦିନିଆ ବାର୍ଷିକ କ୍ରୀଡା ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ପରମିଟ ପଡିଆ ରେ ଅନୁଷ୍ଠିତ ହୋଇଯାଇଅଛି ଏଥିରେ ତିନି ଦିନ ବ୍ୟାପୀ ଖେଳ ଚାଲୁ ରହିବ। ଆଜି ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଉପସ୍ଥିତ ରହି କ୍ରୀଡା ମନୁଷ୍ୟ ପାଇଁ କେତେ ତାହା ଆଲୋକପାତ କରିଥିଲେ। କ୍ରୀଡା କ୍ଷେତ୍ରରେ ବାଲେଶ୍ୱର ଜିଲ୍ଲା ବହୁତ ଆଗରେ ଥିବା ସହିତ ରାଜ୍ୟ,ଦେଶ ତା ସହିତ ବିଦେଶ ରେ ବି ନାମ? ଅର୍ଜନ କରି ବାଲେଶ୍ୱର କୁ ଗୈରବାନ୍ନିତ କରିଛି ।ଏହି ଖେଳରେ ଜିଲ୍ଲାର ବିଭିନ୍ନ ସ୍କୁଲ ଓ କଲେଜ ର ପିଲା ମାନେ ଅଂଶଗ୍ରହଣ କରିଥିଲେ। ଏହି ଖେଳରେ ଯେଉଁ ମାନେ ପ୍ରଥମ, ଦିତୀୟ, ତୃତୀୟ ହୋଇଥିଲେ ସେମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି ।

# ଗନ୍ଧମାର୍ଦ୍ଦନର ସ୍ଥାୟୀ ସୁରକ୍ଷା ପାଇଁ ହେବ ବିରାଟ ସମାବେଶ

ବରଗଡ : ଅଗ୍ରଗାମୀ ଯୁବକ ସଂଘ ବରଗଡ ଠାରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ସାମ୍ବାଦିକ ସମ୍ମିଳନୀରେ ପରଷଦ ତରଫରୁ ଶୁଶୀଲ କୁମାର ନାୟକ, ରାଜକୁମାର ସେଠ, ପ୍ରଶାନ୍ତ ମାଝୀ, ମୋହନ ଜଗତ ଉପସ୍ଥିତ ଥିଲେ । ଏହି ସମ୍ମିଳନୀରେ ଗନ୍ଧମାର୍ଦ୍ଦନ ପାହାଡ ତଥା ଏହାର ପ୍ରାକୃତିକ ପରିବେଶ ର ସୁରକ୍ଷା ନିମନ୍ତେ ଏକ ସ୍ଥାୟୀ ଆଇନ ଦାବୀରେ ଆସନ୍ତା ୧୨ ଜାନୁୟାରୀରେ ଖପରାଖୋଲ ଠାରେ ଏକ ବିରାଟ ଜନସମାବେଶ ଆୟୋଜନ ପାଇଁ ନିଷ୍ପତି କରାଯାଇଛି । ସୁଚନାଯୋଗ୍ୟ ଯେ ୧୯୭୧ ମସିହାରୁ ଆଜିଯାଏଁ ଯେତେବି ସରକାର ଆସିଛନ୍ତି ଗନ୍ଧମାର୍ଦ୍ଦନର ବକ୍ସାଇଟ ଓ ଅନ୍ୟାନ୍ୟ ଖଣିଜ ସଂପଦକୁ ଲୋଲୁପଦୃଷ୍ଟି ରଖି ଖଣି ଖନନର ପ୍ରୟାସ କରି ଆସିଛନ୍ତି । ଯଦିଓ ଏକାଧିକ ସରକାରୀ ରିପୋଟ ଅନୁଯାୟୀ



ଗନ୍ଧମାର୍ଦ୍ଦନରେ ଯଦି ଖଣି ଖନନ ହୁଏ ତାର କୁପ୍ରଭାବରେ ଗନ୍ଧମାର୍ଦ୍ଦନର ୨୦୦ କିମି ବ୍ୟାସାର୍ଦ୍ଧ ଅଂଚଳ ପୁରାପୁରି ଭାବେ ମରୁଭୂମୀରେ ପରିଣତ ହୋଇଯିବ । ବର୍ତମାନ ପରିଷଦ ତରଫରୁ ଖପ୍ରାଖୋଲ ତହସିଲ ଅଫିସ ପରିସରରେ ଆଜକୁ ୪୭ ଦିନ ହୋଇଗଲା ଗଣଧାରଣା ଚାଲିଛି । ଏହି ଧାରଣାକୁ ବିଭିନ୍ନ ସାମାଜିକ ସଂଗଠନ, ରାଜନୈତିକ ଦଳ, ସାମାଜିକ କର୍ମୀ ଓ ଜାତି ଧର୍ମ ଦଳ ନିର୍ବିଶେଷରେ ବିଭିନ୍ନ ବର୍ଗର ସମର୍ଥନ ରହିଆସିଛି । ଧାରଣା ଚାଲିଥିଲେ ସୁଦ୍ଧା ଏଯାବତ କେନ୍ଦ୍ର ବା ରାଜ୍ୟ ସରକାର ତରଫରୁ କୌଣସି ଅଧିକୃତ ପ୍ରତିନିଧି ପହଁଚି ନାହାନ୍ତି ବା କୌଣସି ପ୍ରକାର ସକାରାତ୍ମକ ପଦକ୍ଷେପ ଉଭୟ ସରକାର ନେଇ ନାହାନ୍ତି । ତେଣୁ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଓ ଆନ୍ଦୋଳକୁ ତ୍ୱରାନିତ କରିବା ପାଇଁ ଏହି ସମାବେଶରେ ଜନମତ ଲୋଡାଜିବ ।

# ଟ୍ରେନ ଧକ୍କାରେ ଆରପିଏଫ ମହିଳା କନିଷ୍ଟବଳ ଆହତ

ବାଲେଶ୍ୱର ରେଳ ଷ୍ଟେସନରେ ମାଲବାହୀ ଟ୍ରେନ ଧକ୍କାରେ ଆରପିଏଫର ମହିଳା କନିଷ୍ଟବଳ ଆହତ। ମହିଳାଙ୍କ ଗୋଡ ଓ କାନ୍ଧରେ ଆଘାତ ଲାଗିଛି। ତାଙ୍କୁ ସଙ୍ଗେ ସଙ୍ଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତ ମହିଳା ହେଲେ ଜି କବିତା। ସେ ରେଳଷ୍ଟେସନର ୫ ଓ ୬ ନମ୍ବର ପ୍ଲାଟଫର୍ମରେ ସିଲ ଚେକ କରୁଥିଲେ। ସେହି ସମୟରେ ମାଲବାହୀ ଟ୍ରେନ ଆସିଯାଇଥିଲା। ଟ୍ରେନର ଗତି ଅତି ଧିର ଥିଲା ଓ ଚାଳକ ଟ୍ରେନଟିକୁ ସେହି ସ୍ଥାନରେ ରଖିଦେଇଥିଲେ। ହେଲେ ଟ୍ରେନ ଧକ୍କାରେ ସେ ସାମାନ୍ୟ ଆହତ ହୋଇଥିଲେ। ତୁରନ୍ତ ତାଙ୍କୁ ରେଳ ବିଭାଗ



କର୍ମଚାରୀ ଓ ରେଲୱେ ପୁଲିସ ଉଦ୍ଧାର କରି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଅଛି।

# ୨୦୦୬ ମ୍ୟାଟ୍ରିକ୍ ବ୍ୟାଚ୍‌ର ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ



ଖୋର୍ଦ୍ଧା: ୧୦/୧ ବଙ୍ଗିଦା ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୬ ମ୍ୟାଟ୍ରିକ୍ ବ୍ୟାଚ୍‌ର ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଆଡ଼ଖଣ୍ଡିଆ ଗ୍ରାମର ମାଁ କାଉଁରୀମାଝି ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉକ୍ତ ବ୍ୟାଚ୍‌ର ପ୍ରାୟ ୨୫ଜଣ ଛାତ୍ରଛାତ୍ରୀମାନେ ସପରିବାର ଯୋଗଦେଇଥିଲେ। ବିଦ୍ୟାଳୟରେ ପଠନ ସମୟର ସ୍ମୃତିଚାରଣ କରିବା ସହ ବିଦ୍ୟାଳୟର ଉନ୍ନତି ଲକ୍ଷ୍ୟରେ କିଛି କାର୍ଯ୍ୟ ଆରମ୍ଭ ନେଇ ଆଲୋଚନା ହୋଇଥିଲା। ପୁରାତନ ଛାତ୍ର ସଂସଦକୁ ଆହୁରି ଦୃଢ଼ କରିବା ଦିଗରେ କିପରି ଧ୍ୟାନ ଦିଆଯିବ ତାହା ନେଇ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା ।

# କେନ୍ଦୁଝର ରିଜର୍ଭ ପଡିଆ ଠାରେ ‘ଇଣ୍ଡିଆନ ବାଇ ବାର୍ଥ’ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ



କେନ୍ଦୁଝର, : କେନ୍ଦୁଝର ରିଜର୍ଭ ପୋଲିସ ପଡିଆ ଠାରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇ ଯାଇଛି ।ଏହି ଶିବିର ‘ଇଣ୍ଡିଆନ ବାଇ ବାର୍ଥ ଟ୍ରଷ୍ଟ ଫାଉଣ୍ଡେସନ‘ଦ୍ୱାରା ଭୂମିକା ଚକ୍ଷୁ ଚିକିତ୍ସାଳୟ ଓ ସମ୍ ଅଲ୍ଟିମେଟ୍ ଚିକିତ୍ସାଳୟ,ଭୁବନେଶ୍ୱର ଙ୍କ ସହଯୋଗ ରେ ଅନୁଷ୍ଠିତ କର ଯାଇଛି। ଏଠାରେ ବିଭିନ୍ନ ରୋଗୀ ଙ୍କ ଶରୀର ପରୀକ୍ଷା କରାଯିବା ସଙ୍ଗେ ସଙ୍ଗେ ପୋଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ମଧ୍ୟ ଅଭିଜ୍ଞ ସ୍ପେସାଲିଷ୍ଟ ଡାକ୍ତର ମାନଙ୍କ ଦ୍ୱାରା ପରିକ୍ଷା କରାଯିବାର ବ୍ୟବସ୍ଥା କର ଯାଇଥିଲା ।ଏହି ସ୍ୱାସ୍ଥ୍ୟ ଶିବିରରେ କେନ୍ଦୁଝର ଆଡିସନାଲ ଏସ.ପି ଶ୍ରୀ ଯୁକ୍ତ ମନୋଜ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦାନ ଦେଇଥିଲେ। ଇଣ୍ଡିଆନ ବାଇ ବର୍ଥ ର ଯସଷ୍ପଷ୍ପକ୍ସସମଷ୍ପ କ୍ଷ୍ପକ୍ସରଷ୍ପସୟରଭଷ୍ପ ପ୍ରଭାସ କୁମାର ସାହୁ ଏବଂ ଭାଇସ ପ୍ରେସିଡେଣ୍ଟ ଅଭିଜିତ ମହାନ୍ତି ଶିବିର ର ପରିଚାଳନା ଦାୟିତ୍ୱ ତୁଲାଇଥିଲେ ।ଭୂମିକା ଚକ୍ଷୁ ଚିକିତ୍ସାଳୟ ଜୋନାଲ ମୁଖ୍ୟ କର୍ଣାଟ କିଶୋର ଜେନା ମଧ୍ୟ ସହଯୋଗ କରିଛନ୍ତି ।ଏହି ଶିବିର ଓର୍ଥୋପେଡିକ, ମେଡିସିନ,ହାର୍ଟ,ଚକ୍ଷୁ ଇତ୍ୟାଦି ପରିକ୍ଷା ର ବ୍ୟବସ୍ଥା କରା ଯାଇଛି ।ଏହି ସଂସ୍ଥା ପ୍ରତି ମାସ ବିଭିନ୍ନ ସ୍ଥାନ ରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ ର ବ୍ୟବସ୍ଥା କରି ଆସୁ ଅଛି ।

# ଆତ୍ମରକ୍ଷା ତାଲିମ ଶିବିର ଉଦଘାଟିତ

ମୁନିଗୁଡ଼ା (ମହେଶ ବୋହୋରା) ସାମ୍ପ୍ରତିକ ପରିସ୍ଥିତିରେ ବଢୁଥିବା ନାରୀ ନିର୍ଯ୍ୟାତନା କୁ ପ୍ରଶମିତ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଆନୁକୂଲ୍ୟରେ ରାୟଗଡ଼ା ଜିଲ୍ଲା ଅମ୍ବାଦଳା ସାମନ୍ତ ମହାବିଦ୍ୟାଳୟ ପରିସରରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରୀ ମାନଙ୍କୁ ନେଇ ଆଠ ଦିନିଆ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ମହାବିଦ୍ୟାଳୟର ଅଧକ୍ଷ କବିରାଜ ପ୍ରଧାନଙ୍କ ଦ୍ୱାରା ଉଦ୍ଘାଟିତ ଉକ୍ତ କାର୍ଯ୍ୟକ୍ରମରେ ସାମନ୍ତ ମହା ବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ମନୋଜ କୁମାର ଦାସ ଆତ୍ମରକ୍ଷା କୌଶଳ ଶିବିରର ଲକ୍ଷ ଓ ଉଦ୍ଦେଶ୍ୟ ବିଷୟରେ ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ। ସେହିପରି ଅର୍ଥନୀତି ବିଜ୍ଞାନ ଅଧ୍ୟାପକ ତପନ କୁମାର ସାହୁ ମଞ୍ଚ ପରିଚାଳନା କରିବା ସହ ଆତ୍ମରକ୍ଷା କୌଶଳର



ଆବଶ୍ୟକତା ବିଷୟରେ ନିଜର ବକ୍ତବ୍ୟ ରଖି ଥିଲେ ।ଓଡ଼ିଆ ବିଭାଗ ଅଧ୍ୟାପକ ଗୋଲକ ବିହାରୀ ଘଡେଇ ଓ ଅଧ୍ୟାପକ କବିରାଜ ପ୍ରଧାନ ଛାତ୍ରୀ ମାନଙ୍କୁ ଉତ୍ସାହ ଦେବା ପାଇଁ ନିଜ ନିଜର ବ୍ୟକ୍ତବ୍ୟ ରଖିଥିଲେ। ଦୀର୍ଘ ଆଠ ଦିନ ଧରି ଚାଲିବା ତାଲିମ କାର୍ଯ୍ୟକ୍ରମରେ ତାଲିମଦାତା ଶିକ୍ଷୟତ୍ରୀ ଗୀତାଞ୍ଜଳି ବେହେରାଙ୍କ ସହ ୯୫ ଜଣ ଛାତ୍ରୀ କୌଶଳ ଶିକ୍ଷା ନେବେ ବୋଲି ଜଣାପଡିଛି। ଉକ୍ତ ପ୍ରଶିକ୍ଷଣ ସିବିରରେ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଉମେଶ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଇଂରାଜୀ ଅଧ୍ୟାପକ ରମଣୀ ରଞ୍ଜନ ଜେନା ଓ ଅଧ୍ୟାପକ ସୁଜିତ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ନନ୍ଦା ଆଶ୍ରମ ର ବାର୍ଷିକ ଉତ୍ସବ ୨୦୨୪- ୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ

ମୟୂରଭଞ୍ଜ,(ଲକ୍ଷ୍ମଣ କୁମାର ବେହେରା) : ଠାକୁରମୁଣ୍ଡା ବ୍ଲକ ନନ୍ଦା ଆଶ୍ରମ ବିଦ୍ୟାଳୟ ପରିସରରେ ସ୍କୁଲ୍‌ର ବାର୍ଷିକ ଉତ୍ସବ ୨୦୨୪- ୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସୂଚନା ଅନୁଯାୟୀ ସବୁବର୍ଷ ଭଳି ଚଳିତ ବର୍ଷ ବଡ଼ ଧୁମ୍ ଧାମ ର ସହିତ ନନ୍ଦା ଆଶ୍ରମ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ପାଳନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାକେଶ ରଞ୍ଜନ ଦାଶ ( ଡବ୍ଲୁ. ଇ.ଓ) ମୁଖ୍ୟ ବକ୍ତା ଭାବେ ଅବସର



ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଦାମୋଦର ସାହୁ, ସମ୍ମାନିତ ଅତିଥି ଭାବେ ଶୁଶାନ୍ତ କୁମାର ନାଇକ ( ସି, ଆ, ସି ସି), ଚିତ୍ରା ମଣି ହୋ (ଫରେଷ୍ଟର ନନ୍ଦା ) ଧର୍ମେନ୍ଦ୍ର ମହାନ୍ତ, ତ୍ରିଲୋଚନ ସାହୁ, କବିତା ନାଏକ, ପ୍ରେମ ମୋଞ୍ଜରି ଦାସ, କେଦାର ନାଏକ, ଶଶିକଳା ନାଏକ, ସହଦେବ କୁସୁମାଳିଆ,ବିଜୟ କୁମାର ସୁର (ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ), ନିତ୍ୟାନନ୍ଦ ଷଡ଼ଙ୍ଗୀ, ତ୍ରିଲୋଚୋନ ମହାନ୍ତ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଥମେ ଶ୍ରୀ ଜଗନ୍ନାଥ ଙ୍କ ଫୋଟ ଚିତ୍ର ରେ ପୁଷ୍ପମାଲ୍ୟ ସହ ପ୍ରଦୀପ ପ୍ରଜ୍ଜ୍ୱଳନ କରି ନନ୍ଦା ଆଶ୍ରମ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ସାରଥୀ ଗିରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ ।ପରିଶେଷରେ ନନ୍ଦା ଆଶ୍ରମ ବିଦ୍ୟାଳୟର ସହକାରୀ ଶିକ୍ଷକ ରଜତ କୁମାର ଦାସ ମଞ୍ଚ ପରି ଚାଳନା କରିଥିବା ବେଳେ ବିଦ୍ୟାଳୟର ବରିଷ୍ଠ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ସାରଥୀ ଗିରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିବା ସହ ପୂର୍ବରୁ ଅନୁଷ୍ଠିତ ହୋଇଯାଇଥିବା ବିଭିନ୍ନ ପ୍ରକାରର ଖେଳ, ରଙ୍ଗୋଲି, ଚିତ୍ରାଙ୍କନ, କୁଇଜ୍, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ରେ କୃତିତ୍ୱ ଲାଭ କରିଥିବା ଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଶ୍ରମ ବିଦ୍ୟାଳୟ ର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ମେଟନ ଦିଦି ଙ୍କ ସହ ଅନ୍ୟ କର୍ମଚାରୀ ମାନେ ପୁର୍ଣ୍ଣ ସହଯୋଗ କରିବା ସହ କାର୍ଯ୍ୟକ୍ରମକୁ ସୁଚାରୁ ରୁପେ ତୁଲାଇଥିଲେ।

# ବିଧାୟକ ଜନ୍ମଦିନରେ ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ

ବାଲେଶ୍ୱର : ବାଲେଶ୍ୱର ଜିଲ୍ଲା ରେମୁଣା ବିଧାୟକ ତଥା ଓଡ଼ିଶା ବିଧାନସଭାର ସରକାରୀ ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଙ୍କ ଜନ୍ମଦିନ ରେ ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି। ରେମୁଣା ବିଜେପିର ସାଂଗଠନିକ ଉତ୍ସବ ଏବଂ ରକ୍ତଦାନ ଶିବିର ଅନୁଷ୍ଠିତ । ରେମୁଣା ବାଲିଆ ବିଜେପି କାର୍ଯ୍ୟାଳୟରେ ରେମୁଣା ବିଜେପି ତରଫରୁ ଏକ



ସାଂଗଠାନିକ ସମ୍ବର୍ଦ୍ଧନା ଉତ୍ସବ ଏବଂ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଏ ବର୍ଷ ମଧ ରେମୁଣାର ଲୋକପ୍ରିୟ ନେତା ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ ଙ୍କ ଜନ୍ମଦିନ ଉପଲକ୍ଷେ ନିରାଡ଼ମ୍ବର୍ ଭାବେ ଜନ୍ମଦିନ ପାଳିତ ହୋଇଥିଲା। ଜନ୍ମଦିନ ଉପଲକ୍ଷେ ଏକ ବିଶାଳ ରକ୍ତଦାନ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଉକ୍ତ ରକ୍ତଦାନ ଶିବିରରେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇ ରକ୍ତଦାନ କରିଥିଲେ। ରକ୍ତଦାନ ଶିବିରରେ ମୋଟ ୧୨୨ ଗୋଟି ରକ୍ତ ସଂଗ୍ରହ ହୋଇଥିଲା।

# ଶାନ୍ତି ମହିଳା ୱାର୍କର୍ସ କ୍ଲବ୍‌ର ଦ୍ୱାଦଶ ବାର୍ଷିକୋତ୍ସବ

କଟକ,୯।୧।୨୫ (ଚନ୍ଦ୍ରଶେଖର ପତି ): ଶାନ୍ତି ମହିଳା ୱାର୍କର୍ସ କ୍ଲବ୍ ?ର ଦ୍ୱାଦଶ ବାର୍ଷିକୋତ୍ସବ ସ୍ଥାନୀୟ ଟାଉନହଲ୍ ପରି ସରରେ ଅନୁଷ୍ଠିତ ହୋଇଯାଇଛି । କ୍ଲବର ସଭାପତି ମମତା ରାଉତ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ?ଭାବେ ମୁକ୍ତିକାନ୍ତ ଅଗସ୍ତି, ମୁଖ୍ୟବକ୍ତାଭାବେ ଡାକ୍ତର ପ୍ରଫେସର ନିରଞ୍ଜନ ତ୍ରିପାଠୀ, ସମ୍ମାନୀତ ଅତିଥିଭାବେ ପୂର୍ବତନ ଡିଜି ଶ୍ୟାମସୁନ୍ଦରସାହୁ, ଲେଖିକା ଗୋପା ଦାସ, କର୍ପୋରେଟର ପ୍ରଦୀପ୍ତ



କିଶୋର ଖୁଣ୍ଟିଆ, ଅବସରପ୍ରାପ୍ତ ପ୍ରଫେସର ସେହଲତା ସେନାପତି, ଅର୍ଣ୍ଣପୂର୍ଣ୍ଣା ପରିଡା ପ୍ରମୁଖ ଯୋଗଦେଇ କ୍ଲବ୍‌ର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆରତୀ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଶାନ୍ତି ମହିଳା ୱାର୍କର୍ସ କ୍ଲବ୍ ?ର ପତ୍ରିକା ଶିତୋଷା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ସରୋଜଲକ୍ଷ୍ମୀ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ । କ୍ଲବର ସମ୍ପାଦିକା ଅଜନ୍ତା ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।ସାମ୍ବାଦିକ ଚନ୍ଦ୍ରଶେଖର ପତି ଏବଂ ପ୍ରଭାକର ବେହେରା ଙ୍କୁ କ୍ଲବ ତରଫରୁ ସମ୍ବୋର୍ଦ୍ଧିତ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟ କ୍ର ମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କ୍ଲବ୍ ? ସମସ୍ତ କାର୍ଯ୍ୟକର୍ତ୍ତାମାନେ ସହାୟତ କରିଥି ।ବେଳେ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ ।




ଭୁବନେଶ୍ୱର, ୨୦୨୫, ମଇ ୨୮

# ପୁରୁଷୋତ୍ତମ ଓ ମହାପୁରୁଷ


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଭଗବାନ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ପୁରୁଷୋତ୍ତମ ଯିଏ ଆସନ୍ତି ସେ ବିଶ୍ୱଶିକ୍ଷକ । ତାଙ୍କର ଏକ ସର୍ବତୋମୁଖୀ ବିକାଶ ଥାଏ । ସେ ଆସନ୍ତି ସମଗ୍ର ଦୁନିଆ ପାଇଁ, ବୈଧୀ-ବିଧାୟନୀ ତତ୍ପରତାରେ ଜୀବନର ସମସ୍ତ ଦିଗରେ ସମାଧାନ ଦେବା ପାଇଁ । ସେ ପ୍ରାଚୀନରେ ସଙ୍ଗତିଶୀଳ । ସେ ବୈଶିଷ୍ଟ୍ୟପାଳୀ ଆପୂରୟମାଣ । କୌଣସି ମହାପୁରୁଷ ଯଦି ସେହି ପୁରୁଷୋତ୍ତମଙ୍କୁ ସ୍ୱୀକାର ନ କରନ୍ତି, ତାଙ୍କ ଠାରେ ଯୁକ୍ତ ନ ହୁଅନ୍ତି, ତାହା ଠିକ୍ ନୁହେଁ । ମହାପୁରୁଷ ମାନେ ଲଙ୍କକ୍ଷଲସକ୍ଷକ୍ଷରଙ୍କ ଷ୍ପଷର ଶକ୍ବରବଷ୍ପ (ଫୁଲ ଫିଲର ଦ ଗ୍ରେଟ) ଓ ପୁରୁଷୋତ୍ତମ ମାନେ ଲଙ୍କକ୍ଷଲସକ୍ଷକ୍ଷରଙ୍କ ଷ୍ପଷର ଭରଷ୍ପଷ୍ପ (ଫୁଲ ଫିଲର ଦ ବେଷ୍ଟ)। ମହାପୁରୁଷମାନଙ୍କ ମଧ୍ୟରେ ଗୋଟିଏ ବା କତିପୟ ଦିଗ ପ୍ରଜ୍ୱଳିତ ହୁଏ କିନ୍ତୁ ପୁରୁଷୋତ୍ତମଙ୍କ ମଧ୍ୟରେ ରହିଥାଏ ଜୀବନର ସମସ୍ତ ଦିଗ । ଅନେକ ଅର୍ଥନୀତି, ବେଦାନ୍ତ, କର୍ମ, ଜ୍ଞାନ ବା ଭକ୍ତି କୌଣସି ଗୋଟିଏ ଦିଗକୁ ବଡ଼ କରି ଉଠାନ୍ତି । କିନ୍ତୁ ଜୀବନର ସମଗ୍ରତାରେ ତାର ସର୍ବତୋସଙ୍ଗତ ପ୍ରୟୋଗ, ପ୍ରକାଶ ଓ ବିନ୍ୟାସ ସେମାନେ ଦେଖାଇ ପାରନ୍ତି ନାହିଁ । ଶ୍ରୀକୃଷ୍ଣ ଓ ଶ୍ରୀ ରାମଚନ୍ଦ୍ରଙ୍କ ମଧ୍ୟରେ ସର୍ବତୋମୁଖୀ ସମାଧାନ ମିଳେ । ଅନେକ ଅର୍ଦ୍ଧ-ତ୍ରିହସ୍ତ ବା ସାଢ଼େ ତିନିହାତ ପରିମିତ ମଣିଷକୁ ମାନନ୍ତି ନାହିଁ, କିନ୍ତୁ ତାଙ୍କର ଭାବବାଦକୁ ମାନନ୍ତି । ସେଥିରେ କିନ୍ତୁ ଅସଙ୍ଗତି ଓ ଅସମ୍ପୂର୍ଣ୍ଣତା ରହିଯାଏ । ଅନେକ ଅଛନ୍ତି ବୃନ୍ଦାବନର ଶ୍ରୀକୃଷ୍ଣଙ୍କୁ ମାନନ୍ତି କିନ୍ତୁ ପାର୍ଥସାରଥୀ ଶ୍ରୀକୃଷ୍ଣଙ୍କୁ ମାନନ୍ତି ନାହିଁ । ଏହିପରି ଭାବରେ ନେଲେ ଚଳିବ ନାହିଁ । ସେମାନଙ୍କୁ ସମଗ୍ରତାରେ ନେବାକୁ ହେବ ବିଶ୍ଳେଷଣୀ ଓ ସଂଶ୍ଳେଷଣୀ ତାତ୍ପର୍ଯ୍ୟରେ । ପୁରୁଷୋତ୍ତମ ନିଜ ସମ୍ବନ୍ଧରେ ନିଜେ ଘୋଷଣା କରନ୍ତି ନାହିଁ । ତାଙ୍କର ଚରିତ୍ର ହିଁ ଘୋଷଣା କରେ । ଅଗ୍ନି କଣ କୁହେ-ମୁଁ ଅଗ୍ନି । ଅବତାର ନାହିଁ କୁହେ ମୁହିଁ ଅବତାର । ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - ତୁମେ ଯାହା ମୁଁ ମଧ୍ୟ ତାହା । ତୁମେ ମଧ୍ୟ ଏହା ଆଗରୁ ଆସିଛ, ମୁଁ ମଧ୍ୟ ଏହା ଆଗରୁ ଆସିଛି । ତେବେ ପ୍ରଭେଦ ଏହା ଯେ ତୁମେ ତାହା ଜାଣ ନାହିଁ, ମୁଁ ତାହା ଜାଣେ । ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଆଲୋକ ଯେପରି କହିପାରେନା ମୁଁ ଆଲୋକ, ପବନ ଯେପରି କହିପାରେନା ମୁଁ ପବନ, କ୍ଷିତି ଯେପରି କହିପାରେନା ମୁଁ କ୍ଷିତି, ସେହିପରି ଯାହାଙ୍କ ଅନ୍ତରରେ ଭଗବତ୍ତା ଉଦ୍‌ଭିନ୍ନ ହୋଇଛି, ସେ ମଧ୍ୟ କହିପାରନ୍ତି ନାହିଁ - ମୁଁ ଭଗବାନ। ଯେପରି ତୁମେ ତୁମକୁ ଦେଖିପାରନାଁ ତୁମେ କିପରି, ତାହା ତୁମେ କହି ପାରନା, ଅନ୍ୟମାନେ ତୁମପ୍ରତି ଯେପରି ସେହିପରି ତୁମକୁ ବୋଧ କରେ ଓ କୁହେ, ତେଣୁ ତାଙ୍କ ପ୍ରତି ସଶ୍ରଦ୍ଧ ଯେଉଁମାନେ ସେମାନଙ୍କ ନିକଟରୁ ତାଙ୍କର ପରିଚୟ ନେବାକୁ ହୁଏ, ସଙ୍ଗତିଶୀଳ ସୁମୀମାକ୍ଷବୋଧ - ତାତ୍ପର୍ଯ୍ୟ ନେଇ, କାରଣ ଯେ ଯେଉଁଥିରେ ଯେପରି ସଶ୍ରଦ୍ଧ ତା ସମ୍ବନ୍ଧରେ ଜ୍ଞାନ ମଧ୍ୟ ତାର ସେହିପରି। ଏକପ୍ରକାର ପରମଗୁରୁ ଥାଆନ୍ତି - ଯେପରି ଶ୍ରୀରାମଚନ୍ଦ୍ର, ଶ୍ରୀକୃଷ୍ଣ, ଓ ଶ୍ରୀବୁଦ୍ଧ, ଶ୍ରୀଯୀଶୁ, ଶ୍ରୀମହମ୍ମଦ, ଶ୍ରୀଚୈତନ୍ୟ ଓ ଶ୍ରୀରାମକୃଷ୍ଣ - ଏମାନଙ୍କୁ କୁହାଯାଏ ଲଙ୍କକ୍ଷ-ଲସକ୍ଷକ୍ଷରଙ୍କ ଷ୍ପଷର ଭରଷ୍ପଷ୍ପ (ଫୁଲ ଫିଲର ଦ ବେଷ୍ଟ) ବା ପୁରୁଷୋତ୍ତମ । ଆଉ ମହାପୁରୁଷ ବା ଲଙ୍କକ୍ଷଲସକ୍ଷକ୍ଷରଙ୍କ ଷ୍ପଷର ଶକ୍ବରବଷ୍ପ (ଫୁଲ ଫିଲର ଦ ଗ୍ରେଟ) ବା ପାବକ ପୁରୁଷ ବା ଋତ୍ୱିକ୍ ପୁରୁଷମାନେ ପୁରୁଷୋତ୍ତମଙ୍କ ସହିତ ଅନ୍ୟମାନଙ୍କୁ ଯୁକ୍ତ କରାଇ ଦିଅନ୍ତି । ସଦ୍‌ଗୁରୁଙ୍କ ଲକ୍ଷଣ ସମ୍ବନ୍ଧରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ତାଙ୍କର ବହିଃପ୍ରକାଶରେ ଦେଖାଯାଏ ଯେ ସେ ଅଚ୍ୟୁତ ଅନୁରାଗ ସମ୍ପନ୍ନ, ଜାକ୍‌ଜମକ ଭିତରେ ସରଳ, ସ୍ୱାଭାବିକ ଭାବରେ ସ୍ୱାଭାବିକ ଓ ମହାଜ୍ଞାନୀ ସତ୍ତ୍ୱେ ଅଜ୍ଞାନୀ । ଆମ୍ଭେମାନେ ଈଶ୍ୱରଙ୍କୁ ଦେଖିବାକୁ ପାଉ ନାହୁଁ । ବାପା ମା, ଓ ଗୁରୁଙ୍କୁ ଦେଖିବାକୁ ପାଉ । ସେହିମାନେ ହିଁ ଶ୍ରେୟ ହୁଅନ୍ତି ଯେଉଁମାନଙ୍କର ସ୍ୱାର୍ଥ ହେଉଛି ଆମ୍ଭମାନଙ୍କର ଜୀବନ ଓ ବଞ୍ଚିବା-ବଢ଼ିବା । ଆମ୍ଭେମାନେ ଯେତେ ସୁକେନ୍ଦ୍ରିକ ହେଉ, ସଦ୍‌ଗୁରୁଙ୍କ ଠାରେ କେନ୍ଦ୍ରାୟିତ ହେଉ, ସେତେ ହିଁ ଈଶ୍ୱରଙ୍କର ମାହାତ୍ମ୍ୟ ଉପଲବ୍ଧି କରୁ । ଗଣିତ ଶିଖିବା ପାଇଁ ଯେପରି ଗଣିତଜ୍ଞଙ୍କ ପାଖରେ ଶରଣାପନ୍ନ ହେବାକୁ ହୁଏ ସେହିପରି ଭଗବାନଙ୍କୁ ପାଇବାକୁ ହେଲେ ସଦ୍‌ଗୁରୁଙ୍କ ପାଖରେ ଶରଣାପନ୍ନ ହେବାକୁ ହୁଏ । ଈଶ୍ୱରଙ୍କ ଅସ୍ତିତ୍ୱ ସମସ୍ତଙ୍କ ପାଖରେ ଧରା ଦିଏ ନାହିଁ, କିନ୍ତୁ ସଦ୍‌ଗୁରୁଙ୍କ ପାଖରେ ତାହା ଧରା ପଡ଼େ । ସେମାନଙ୍କ କଥାରେ ବିଶ୍ୱାସ ନେଇ ମଣିଷ ଯେତେ ଅଗ୍ରସର ହେଉଥାଏ, ସେମାନଙ୍କର ବୋଧ ମଧ୍ୟ ସେହିପରି ଭାବରେ ବୃଦ୍ଧିପ୍ରାପ୍ତ ହୁଏ। ଯଥାର୍ଥରେ ଭଗବାନ ଯୀଶୁ କହିଛନ୍ତି - ମୁଁ ହିଁ ପଥ, ମୁଁ ହି ଆଲୋକ, ମୋ ବ୍ୟତିରେକ ଭଗବାନଙ୍କ ପାଖକୁ କେହି ଯାଇପାରିବେ ନାହିଁ । ଭଗବାନ ଶ୍ରୀକୃଷ୍ଣ ମଧ୍ୟ କହିଛନ୍ତି - ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ, ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ । ପୁରୁଷୋତ୍ତମ ହିଁ ସଦ୍‌ଗୁରୁ, ଆଚାର୍ଯ୍ୟ ଓ ଲଙ୍କକ୍ଷଲସକ୍ଷକ୍ଷରଙ୍କ ଷ୍ପଷର ଭରଷ୍ପଷ୍ପ (ଫୁଲ ଫିଲର ଦ ବେଷ୍ଟ) । କଥା ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଶାସ୍ତ୍ରରେ ଅଛି ସର୍ବଦେବ ମୟୋଃ ଗୁରୁ । ପୁରୁଷୋତ୍ତମ ହିଁ ସେହି ଗୁରୁ ।

ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,
କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଆଉ ନୁହେଁ ଯୁଦ୍ଧ


ଶେଖ ଫରିଦ୍‌ଉଦ୍ଦିନ

ଏହି ଖବର ପ୍ରକାଶ ପାଇଲା ବେଳକୁ ଯୁଦ୍ଧଗ୍ରସ୍ତ ଇସ୍ରାଏଲକୁ ଆମେରିକାର ରାଷ୍ଟ୍ରପତି ବାଇଡେନ ଗସ୍ତ କରିସାରିଥିବେ। ବିଳମ୍ବରେ ହେଲେ ବି ଆମେରିକାର ଉଦ୍ୟମ କିଛିଟା ଶାନ୍ତିର ବାର୍ତ୍ତା ଦେଉଛି। ଗାଜାକୁ ଇସ୍ରାଏଲ ଅଧିଗ୍ରହଣ ନକରୁ ବୋଲି ଆମେରିକା ମତ ଦେବା ପରେ ଘଟଣା ଭିନ୍ନ ମୋଡ଼ ନେଇଛି। ଚଳିତ ଦଶନ୍ଧିର ପ୍ରାରମ୍ଭରୁ ଆଫଗାନିସ୍ତାନରୁ ଆମେରିକା ସେନା ପ୍ରତ୍ୟାହାର ପରେ ତାଲିବାନ ତାହାର ବର୍ବରତା ଆରମ୍ଭ କରିଥିଲା। ଏଥିରେ ବିସ୍ଥାପିତ ହୋଇଥିବା ପାଖାପାଖି ୮ଲକ୍ଷ ଲୋକଙ୍କ ମଧ୍ୟରେ ୫୭% ପିଲା ଓ ୨୧% ମହିଳା ଥିଲେ। ଏହାପରେ ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ଦେଢ଼ ବର୍ଷ ହେଲା ଜାରି ରହିଛି। ତେବେ ଏହି ଯୁଦ୍ଧ ଆରମ୍ଭ ହେବାର ମାତ୍ର ୧ ମାସ ମଧ୍ୟରେ ଦେଶର ମୋଟ ଶିଶୁଙ୍କ ସଂଖ୍ୟା ୭.୫ ମିଲିୟନ (୭୫ଲକ୍ଷ) ମଧ୍ୟରୁ ଅଧାରୁ ଅଧିକ ଅର୍ଥାତ ୪.୩ ମିଲିୟନ (୪୩ ଲକ୍ଷ) ବିସ୍ଥାପିତ ହୋଇଥିଲେ। ଏହି ପିଲାମାନଙ୍କ ମଧ୍ୟରୁ ୧୮ଲକ୍ଷ ଦେଶ ବାହାରେ ଶରଣାର୍ଥୀ କ୍ୟାମ୍ପରେ ଓ ଅନ୍ୟମାନେ ଦେଶ ଭିତରେ ବିଭିନ୍ନ ସ୍ଥାନରେ ଅଛନ୍ତି। କେବଳ ଯୁଦ୍ଧ ନୁହେଁ, ଆଫ୍ରିକୀୟ ଦେଶ ୟେମେନ, କଙ୍ଗୋ, ସୋମାଲିଆ, ମାଲି, ନାଇଜେରିଆ, ତୁର୍କିନା, ଫାସୋ ଆଦି ଦେଶରେ ଜାତିଗତ ହିଂସା ଯୋଗୁଁ ପରିବାର ସହ ପିଲାମାନେ ବିସ୍ଥାପିତ ହେଉଛନ୍ତି। ଏସିଆରେ ମ୍ୟାନମାର, ଆଫଗାନିସ୍ଥାନରେ ଏହା ଅଧିକ ଘଟୁଥିବାବେଳେ ଭାରତରେ ବି ଜାତିଗତ ହିଂସା କାରଣରୁ ବିସ୍ଥାପିତ ପରିବାର ସହ ପିଲାମାନେ କ୍ୟାମ୍ପରେ ରହୁଛନ୍ତି।

ଅତୀତରେ ଭାରତର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଆସାମ, ତ୍ରିପୁରା, ମଣିପୁର ଏବଂ ଜମ୍ମୁ-କାଶ୍ମୀରରେ ହିଂସା କାରଣରୁ ପିଲାମାନେ ବିସ୍ଥାପିତ ହୋଇଛନ୍ତି। ଏବେ ମଣିପୁରରେ ପାଖାପାଖି ଛଅ ମାସ ହେଲା ମେଇତି ଓ କୁକି ସମ୍ପ୍ରଦାୟ ମଧ୍ୟରେ ଲାଗି ରହିଥିବା ଜାତିଗତ ହିଂସାରେ ୭୦ ହଜାରରୁ ଉର୍ଦ୍ଧ୍ୱ ଲୋକ ବିସ୍ଥାପିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୧୪୦୦୦ରୁ ଅଧିକ ପିଲା ଅଛନ୍ତି ଓ ମିଜୋରାମର ସ୍କୁଲ ଗୁଡ଼ିକରେ ସେମାନଙ୍କ ନାମ ଲେଖାଯାଇଛି। ଏହା ସ୍ପଷ୍ଟ ଯେ ଶିଶୁର ସର୍ବାଙ୍ଗୀନ ଉନ୍ନତି କେବଳ ଶିକ୍ଷା ଦ୍ୱାରା ସମ୍ଭବ ନୁହେଁ। ସାମାଜିକ ସୁରକ୍ଷା, ଉପଯୁକ୍ତ ପାରିବାରିକ ଯତ୍ନ ପିଲାଙ୍କ ଶାରୀରିକ ଓ ବୌଦ୍ଧିକ ବିକାଶର ଆଧାର। ବିସ୍ଥାପନ ପରେ ଥଇଥାନ ଶିବିରରେ ଭୟ ଓ ଅସୁରକ୍ଷା ବଳୟରେ ଥିବା ପରିବାର ଠାରୁ ପିଲାମାନେ ଏସବୁରୁ ବଞ୍ଚିତ ହୁଅନ୍ତି। ଏହା ଯୋଗୁଁ ସେମାନଙ୍କ ମାନସିକ ସ୍ତର ପ୍ରଭାବିତ ହୋଇଥାଏ ବୋଲି ମନସ୍ତତ୍ତ୍ୱବିତଙ୍କ ମତ। ବିଶ୍ୱର ପ୍ରତ୍ୟେକ ଦେଶରେ ବିସ୍ଥାପିତ ହେଉଥିବା ପିଲାମାନେ ଶାରୀରିକ ଓ ଯୌନ ହିଂସାରେ ଅଧିକ ଶିକାର ହେଉଛନ୍ତି ଏବଂ ଅପପୁଷ୍ଟି ସେମାନଙ୍କ ଚିର ସାଥୀ ବୋଲି ୟୁନାଇଟେଡ ନେସନସ ଚିଲଡ୍ରେନ୍ସ ଫଣ୍ଡ ରିପୋର୍ଟରୁ ଜଣାପଡ଼ିଛି। ଏତଦ ବ୍ୟତୀତ ଜାତିଗତ ସଂଘର୍ଷରେ ଲିପ୍ତ ଉଗ୍ରବାଦୀ ଗୋଷ୍ଠୀ ବିସ୍ଥାପିତ ଶିଶୁମାନଙ୍କୁ ସଂଘର୍ଷରେ ନିୟୋଜିତ କରୁଛନ୍ତି ଯାହାର ଉଦାହରଣ ସୋମାଲିଆ ଓ ନାଇଜେରିଆରେ ହୋଇଥିବା କେତୋଟି ଆକ୍ରମଣରେ ଦେଖିବାକୁ ମିଳିଛି। ସମଗ୍ର ପୃଥିବୀରେ ବୃଦ୍ଧି ପାଉଥିବା ଅଶାନ୍ତି ପରିସ୍ଥିତି ପିଲାମାନଙ୍କୁ ଅଧିକ କ୍ଷତି ପହଞ୍ଚାଇଛି। ପ୍ରାୟ ପୃଥିବୀର ସବୁ ଦେଶରେ ଶିଶୁ ଏବଂ ମାଆଙ୍କୁ ଲକ୍ଷକରି ହିଂସା ବଢୁଥିବାର କାରଣ ବୁଝିବା କଷ୍ଟକର ନୁହେଁ। ସେହିମାନେ ସବୁଠାରୁ ଦୁର୍ବଳ ହୋଇଥିବାରୁ ଯୁଦ୍ଧ, ଧର୍ମ ଏବଂ ଜାତିଗତ ସଂଘର୍ଷରେ ତାଙ୍କୁ ହିଁ ଶିକାର କରିବା ସହଜ ହୋଇଯାଉଛି। ଅଧିକାଂଶ ଦେଶର ବ୍ୟବସ୍ଥା ଏହିଭଳି ପରିସ୍ଥିତିକୁ ସାହାଯ୍ୟ କରୁଥିବାବେଳେ ଜାତିସଂଘ ଭଳି ସଂସ୍ଥା କୌଣସି ପରିବର୍ତ୍ତନ ଆଣିପାରିବ ବୋଲି ବିଶ୍ୱାସ ହେଉନାହିଁ। ଏଥିରେ କେବଳ ମାନସିକତାର ପରିବର୍ତ୍ତନ ସମ୍ଭବତଃ ଭବିଷ୍ୟତକୁ ବଦଳାଇପାରିବ। ଯୁଦ୍ଧରୁ ବାସ୍ତବରେ କିଛି ମିଳେନା କେବଳ ରକ୍ତପାତ ଦ୍ୱାରା ନିଜ ମାଟି ମୂଳକ, ସମାଜ ଓ ଦେଶର ପତନର ସର୍ବୋପରି ଅଧୋଗତିର କାରଣ ଯାହା ହୋଇଥାଏ। ଏଥିରୁ ଅସଂଖ୍ୟ ଦାରିଦ୍ର୍ୟ ଭିତରକୁ ଚାଲିଯାଇଥିବାବେଳେ ଭିନ୍ନକ୍ଷମ ହୋଇପଡୁଥିବା ଅନେକଙ୍କ ଜୀବନ ଦୁର୍ବିସହ ହୋଇପଡ଼େ। ପରିବାର ଛିନ୍ନଛତର ହୋଇପଡ଼େ, ଦେଶର ଓ ସମାଜର ବିକାଶ ବାଧାପ୍ରାପ୍ତ ହୋଇଥାଏ। ଏହାକୁ ସମସ୍ତେ ବୁଝିବା କଥା। ଆଉ ବାସ୍ତବରେ ସମୟ ନାହିଁ ଯୁଦ୍ଧର କାରଣ ଆମ୍ଭେମାନେ ଏ ସମୟର ସର୍ବଶ୍ରେଷ୍ଠ ଶତ୍ରୁ କରୋନା, ଦାରିଦ୍ର୍ୟତା, ଆତଙ୍କବାଦ ପରି ଚରିତ୍ର ମାନଙ୍କ ସହ ଲଢୁଥିବାବେଳେ ଆଉ ଯୁଦ୍ଧ କିପରି ଓ କାହିଁବା କରିବା ?

ଦୂରସଞ୍ଚାର ଭବନ, ଲିଙ୍କରୋଡ଼, କଟକ,
ଦୂରଭାଷ : ୯୪୩୭୦୦୪୮୮୮

# ଦୁର୍ଗୋତ୍ସବ:ଶକ୍ତି ଆଖ୍ୟାନ


ବିପିନ ବିହାରୀ ମହାନ୍ତି

ପୁରାଣ ପୃଷ୍ଠା ଓଲଟାଇଲେ ପ୍ରମାଣିତ ହୁଏ ଯେ ସେ ବ୍ରହ୍ମା, ବିଷ୍ଣୁ ବି ମହେଶ୍ୱର ହୁଅନ୍ତୁ ପଛେ, ନିଜର ସକଳ ସାମର୍ଥ୍ୟ , ଅନ୍ୟାୟ ଓ ଅସତ୍ୟକୁ ପ୍ରତିହତ କରି ଧର୍ମସ୍ଥାପନାର୍ଥେ ଏକ ବୃହତ ଶକ୍ତିଠାରୁ ଆହରଣ କରିଥାନ୍ତି। ଏହି ଶକ୍ତି ଏକ ଆଦିଅନ୍ତହୀନ ଅସୀମ ଶକ୍ତି ଯାହାକି, 'ଭୁ' ରୁ 'ଭୂମା' ଏବଂ 'ପରମାଣୁ' ଠାରୁ ବିରାଟ ବ୍ରହ୍ମାଣ୍ଡଯାଏଁ ବିଦ୍ୟମାନ । ଏହି ଶକ୍ତି 'ନାରୀ' ତଥା 'ମାତୃ' ରୂପରେ ଅର୍ଥାତ୍ ଆଦ୍ୟାଶକ୍ତି ଆକାରରେ ସୃଷ୍ଟିର ଆରମ୍ଭରୁ ଏଯାଏଁ ଅଛନ୍ତି ଏବଂ ପୂଜିତ ହୋଇ ଆସୁଛନ୍ତି:

"ଯା ଦେବୀ ସର୍ବ ଭୂତେଷୁ
ମାତୃରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ
ନମୋନମଃ"

ଏ ଶକ୍ତି ପ୍ରତିଟି ପ୍ରାଣୀର ଆଧର ରୂପ ବିଦ୍ୟମା। ସୃଷ୍ଟିର ଆରମ୍ଭ ପୂର୍ବରୁ କୌଣସି ଶକ୍ତି ନଥିଲାବୋଲି କହିବା ହିଁ ଭୁଲ। କେବଳ ନିରାକାର ରୂପରେ ଏହି ଅନନ୍ତ ଶକ୍ତିଥିଲେ ଏବଂ କେବଳ ତାଙ୍କରି ଠାରୁ ବ୍ରହ୍ମ, ବିଷ୍ଣୁ, ମହେଶ୍ୱର ଏବଂ ଅନ୍ୟାନ୍ୟ ଦେବାଦେବୀ , ଜଳ ଓ ଜୀବଜଗତ ସୃଷ୍ଟି ହେଲା। ତ୍ରିଲୋକ ସଂରଚନା କେବଳ ତାଙ୍କରି କରୁଣା ଥିଲା ଦେବୀ ଭାଗବତ ଆଖ୍ୟାନ ଅନୁଯାୟୀ ଏକାର୍ଣ୍ଣବ ଜଳରେ ତ୍ରିଲୋକ ଧ୍ୱଂସ ହେଲାପରେ , ନାରାୟଣ ବହୁକାଳଧରି ଶାନ୍ତି ନିଦ୍ରାରେ ଶୋଇଗଲେ । ଏହି ଅବସରରେ ତାଙ୍କ କର୍ଣ୍ଣରୁ ଉଦ୍ଭବ ମଳରୁ ମଧୁକୈଟିଭ ନାମକୁ ଦୁଇଟି ରାକ୍ଷାସ ସୃଷ୍ଟି ହେଲେ । ସେମାନେ ଜଳରେ ସନ୍ତରଣ କରୁଥିବା ଅବସ୍ଥାରେ କୈଟିଭ ପ୍ରଥମେ ଏହି ଆଦ୍ୟାଶକ୍ତିଙ୍କୁ ଦର୍ଶନକଲା ଏବଂ ସେ ଯେ କେବଳ ସେହି ଏକାବର୍ଣ୍ଣ ଜଳର ଆଧାର ତଥା ସେମାନଙ୍କର ସୃଷ୍ଟିର କାରଣ ବୋଲି ମଧୁକୁ ବୁଝାଇଦେଲା। ଏହାପରେ ସେମାନେ ଶୁନ୍ୟବାଣୀ ଦ୍ୱାରା 'ବାଗ୍‌ବଜମନ୍ତ୍ର' ପ୍ରାପ୍ତ ହେଲେ ଏବଂ ତାହାରି ବଳରେ ଦେବୀ ମା' ଭାଗବତୀଙ୍କ କୃପାରୁ ଇଚ୍ଛାମୃତ୍ୟୁ ଏବଂ ସର୍ବଲୋକ ଅଜୟବର ପ୍ରାପ୍ତ ହେଲେ। ଏହାପରେ ସେମାନେ ଆତ୍ମଗର୍ବରେ ଯେଛାତା କରିଚାଲିଲେ ଏବଂ ବିଷ୍ଣୁଙ୍କ ନାଭିକମଳରୁ ସମ୍ଭୁତ ବ୍ରହ୍ମାଙ୍କୁ ଆକ୍ରମଣ କଲେ । ବ୍ରହ୍ମା ନିରୂପାୟ ହୋଇ ବିଷ୍ଣୁଙ୍କୁ ସ୍ମରଣ କଲେ। ହେଲେ ବିଷ୍ଣୁଙ୍କ ଅଚିନ୍ତା ନିଦ୍ରା ଭଂଗ ହେଲାନାହିଁ। ଏଣୁ ସେ ବାଧ୍ୟହୋଇ ବିଷ୍ଣୁଙ୍କ ନିଦ୍ରାଭଂଗ ନିମନ୍ତେ ଆଦ୍ୟଶକ୍ତିଙ୍କୁ ସ୍ମରଣ କଲେ ଏବଂ ତାଙ୍କ କୃପାରୁ ନିଦ୍ରାଦେବୀ ମା'ଅନନ୍ତା ବିଷ୍ଣୁଙ୍କୁ ଚକ୍ଷରୁ ଅପସରି ଗଲେ। ତେବେ ବିଷ୍ଣୁ ମଧୁ କୈଟିଭଙ୍କ ସହିତ ଯୁଦ୍ଧରେ ଲିପ୍ତ ହେଲେ ପ୍ରାୟ ୫ଶହସ୍ର ବର୍ଷ; କିନ୍ତୁ ପାରିଲେ ନାହିଁ। ଶେଷରେ ସେ ସେହି ଆଦ୍ୟାଶକ୍ତିଙ୍କର ଶରଣ ଗଲେ। ଏଣୁ ମା' ଅନନ୍ତାଶକ୍ତିଙ୍କୁ ଖାଲି ବିଷ୍ଣୁଙ୍କୁତ ଅମାପ ଶକ୍ତିଦେଲେନାହିଁ , ଅନ୍ୟପକ୍ଷେରେ ତ୍ରିପୁର ସୁନ୍ଦରୀ ସାଜି ମଧୁ କୈଟିଭଙ୍କୁ ହୀନବୀର୍ଯ୍ୟ କରିଦେଲେ। ଏଣୁ ସେମାନେ ଦୁର୍ବଳତା ବଶତଃ ବିଷ୍ଣୁଙ୍କୁ ବରମାଗିବାକୁ କହିଲେ ଓ ଯୁଦ୍ଧରୁ ନିବୃତ୍ତ ହେଲେ। ବିଷ୍ଣୁ କେବଳ ସେମାନଙ୍କର ମୃତ୍ୟୁ ବରଟିକୁ ହିଁ ଭିକ୍ଷାକଲେ। ସେମାନେ ନିଜ ସତ୍ୟ ରକ୍ଷାକରି ତାଙ୍କର ଜଳରେ ନଥିବା କୌଣସି ସ୍ଥାନରେ ବଦ୍ଧ କରିବାକୁ କହିଲେ। ସେତେବେଳେ ଏ ମେଦିନୀ ସୃଷ୍ଟି ହୋଇନଥିଲା। ଏଣୁ ସ୍ଥଳ ଆସିବ କେଉଁଠୁ ଯେ ସେଠି ବିଷ୍ଣୁ ତାଙ୍କୁ ମାରିବେ ? ହେଲେ ବିଷ୍ଣୁଙ୍କ ମାୟା ତାଙ୍କୁ ଆଗଚୋର। ବିଷ୍ଣୁ ସେ ଦୁହିଁଙ୍କର ମୁଣ୍ଡକୁ ନିଜ ଜଂଘ ଉପରେ ରଖି ଛେଦନ କଲେ। ତାଙ୍କ ମେଦ ଦ୍ୱୟରୁ ଏ ମେଦିନୀ ସୃଷ୍ଟି ହେଲା। ପୁନଶ୍ଚ ମେଦିନି ଉପରେ ମଣିଷ ସମେତ ଜୀବଜଗତକୁ ବିଚରଣ କଲେ।

ମଧୁ କୈଟିଭଙ୍କ ମୃତ୍ୟୁପରେ ଅନନ୍ତ ସମୟ ପର୍ଯ୍ୟନ୍ତ ଶାନ୍ତିରେ କଟିଗଲା। ଏବଂ ତାହାପରେ ଜନ୍ମନେଲା ମହାପ୍ରତାପୀ, ମହାଦୁଷ୍ଟ ମହୀଶସୁର। ବିଭିନ୍ନ ପରାଣମତେ ମହିଷାସୁର ଜନ୍ମକାହାଣୀରେ ତାଳ ମେଳ ଖାଏନୀ । ବରାହ ପୁରାଣମାତେ ସେ ବିପ୍ରଚିତ୍ତ ନାମକ ଦୈତ୍ୟର ମହିଷ୍ମତୀ ନାମ୍ନୀ କନ୍ୟାର ସିନ୍ଧୁଦୀକ ନାମକ ଋଷିଙ୍କ ଅଭିଶାପରୁ ଜାତ ପୁତ୍ର: କାଳୀକା ପୁରାଣ ଅନୁଯାୟୀ ଇଏ ଶଇବ ବଂଶରୁ ଜାତ ଦୈତ୍ୟର ପୁତ୍ର। ଚଣ୍ଡିପୁରାଣ ଅନୁସାରେ କପିଳସିଂହଙ୍କ ପତ୍ନୀ ଯମରବାହନ 'କୃତାନ୍ତକ' ଦ୍ୱାରା ଧର୍ଷିତ ହୋଇ ଯେଉଁ ଅବୈଧ ପୁତ୍ର ଜନ୍ମଦେଲେ, ସେହିଁ ମହିଷାସୁର। ତେବେ ଯେମିତି ହେଲେବି ଏହି ମହିଷାସୁର ତପସ୍ୟା ଦ୍ୱାରା ବ୍ରହ୍ମାଙ୍କ ଠାରୁ ବର ପ୍ରାପ୍ତ ହେଲେ ଯେ ସେ ଦିବସରେ କିମ୍ବା ରାତିରେ, ଦେବ ବା ଦାନବ ଦ୍ୱାରା, ଯକ୍ଷ ବାରକ୍ଷ , କି ଗନ୍ଧର୍ବ ମାନଙ୍କ ହାତରେ ମୃତ୍ୟୁବରଣ କରିବ ନାହିଁ ; ସେ ଜଳରେ ବୁଡ଼ିବ ନାହିଁ କିମ୍ବା ନିଆଁରେ ପୋଡ଼ିବ ନାହିଁ । ଏପରି ସ୍ଥଳେ ସେ ନଜସ୍ୱ ବଳସହିତ ତା'ର ରାକ୍ଷସ ବଳମାନଙ୍କୁ ନେଇ ପ୍ରଚଣ୍ଡ ବଳୀ ହୋଇ ଏ ମେଦିନୀକୁ ଥରହରା କଲା। ନାରଦ ସବୁ କଳିର ସୂତ୍ରଧର। ଦିନେ ସେ ତାର ରାଜ୍ୟରେ ପଦାର୍ପଣ କଲେ ଏବଂ କହିଲେ ଯେ ମହିଷାସୁର ଯଦି ସ୍ୱର୍ଗପୁରୀର ଐରାବତ ହସ୍ତୀ, ଉଚ୍ଚୈଶ୍ରବା ଅଶ୍ୱ ଏବଂ ମେନକା ପରି ସ୍ୱର୍ଗ ସୁନ୍ଦରୀ ଓ ପାରିଜାତ ବୃକ୍ଷ ପାଇଯାଆନ୍ତେ , ତା ରାଜ୍ୟ ମଧ୍ୟ ସ୍ୱର୍ଗପୁରୀରଠୁ ବଳାଇଯାଆନ୍ତା। ଏମିତି ବି ଆଉ କ'ଣ କ'ଣ କହି ତାଙ୍କୁ ଉସ୍‌କାଇ ଦେଲେ। ମହିଷାସୁର ଏସବୁ ଶୁଣି ଚିଠିଟିଏ ଲେଖି ଏମାନଙ୍କୁ ଦେବାକୁ ଇନ୍ଦ୍ରଙ୍କୁ ଦୂତ ପଠାଇଲା। ଇନ୍ଦ୍ର ଏଗୁଡାକ ଦେବେ କ'ଣ, ତା ଦୂତକୁ ହତ୍ୟାକଲେ। ଏଣୁ ଭୟଙ୍କର କ୍ରୋଧାନ୍ୱିତ ହୋଇ ସେ ସ୍ୱର୍ଗପୁର ଆକ୍ରମଣ କଲା। ଦେବତାମାନେ ପରାସ୍ତ ହେଲେ । ସେମାନେ ବିଷ୍ଣୁଙ୍କ ଶରଣ ଗଲେ। ବିଷ୍ଣୁ ଦେବତାମାନଙ୍କୁ ଧରି ମେରୁ ପର୍ବତ ଉପରେ ମହିଷାସୁରା ମୃତ୍ୟୁ ଉପାୟ ଚିନ୍ତା କରୁଥିବା ବେଳେ , ସେ କଥା ଜାଣିପାରି ତା ଶିଙ୍ଗମାରି ମେରୁ ପର୍ବତକୁ ଦୋହଲାଇଦେଲା। ଏଣୁ ରାଗରେ ସମସ୍ତ ଦେବଗଣ କ୍ରେଧରେ ମୁଖରୁ ଅଗ୍ନିବର୍ଷଣ କଲେ । ବ୍ରହ୍ମାଙ୍କ ଶାନ୍ତିମନ୍ତ୍ରରୁ ଏ ଅଗ୍ନି ଶାନ୍ତିଦେଲେ। ଅଥଚ ସେହି ସାମୁହିକ ଅଗ୍ନିରୁ ଜାତହେଲେ ଏକ ଦେବୀମୂର୍ତ୍ତୀ। ସେ ଦେବତାମାନଙ୍କୁ ସେମାନଙ୍କ ଦୁର୍ଗତିରୁ ରକ୍ଷାକରିବାକୁ ପ୍ରତିଶ୍ରୁତି ଦେଲେ। ଏଇ ଆର୍ବିଭୂତା ଦେବାତାମାନଙ୍କୁ ଦୁର୍ଗତିରୁ ରକ୍ଷାକରିଥିବାରୁ ବ୍ରହ୍ମା ତାଙ୍କ ନାମ ଦେଲେ ଦୁର୍ଗା।

ଏଦୁର୍ଗା ରତ୍ନଗିରି ଶିଖରେ ଅବସ୍ଥାନ କଲେ। ମୃଗୟାରେ ଯାଇଥିବା ମହିଷାସୁରର ଦୁଇ ସେନାଧ୍ୟକ୍ଷ ଚଣ୍ଡ ଓ ମୁଣ୍ଡ ତାଙ୍କୁ ଆବିଷ୍କାର କରି ଏକଥା ତାକୁ ଜଣାଇଲେ। ମହିଷାସୁର ତାଙ୍କୁ ବଳପୂର୍ବକ ଟାଣି ଆଣିବାକୁ ନିର୍ଦ୍ଦେଶ ଦେଲେ। ହେଲେ ଦେବୀ କହିଲେ ଯେ ସେ କେବଳ ମହିଷାସୁର ସେଠିକୁ ଗଲେ ତା ସହିତ ଯିବେ । ଏଥିରେ ଉତ୍‌କ୍ଷିପ୍ତ ହୋଇ ସେମାନେ ତାଙ୍କୁ ଟଣାଟଣି କରନ୍ତେ ସେ ତାକୁ ବାଧ କଲେ । ଏହାପରେ ଗଲେ ଶୁମ୍ଭ ନିଶୁମ୍ଭ । ଦେବୀ ତାଙ୍କୁ ତ୍ରିଲୋକ ମୋହିନୀ ରୂପ ଦେଖାଇ ବଶୀଭୂତ କରାଇଦେଲେ ଏବଂ ତାଙ୍କ ନିଜର ହେବା ଆଳରେ କପଟ କରି ସେମାନଙ୍କ ମୃତ୍ୟୁଭେଦ ପାଇ ଯୋଦ୍ଧାଙ୍କ ସହ ଅସଂଖ ଅସୁରମାନଙ୍କୁ ପଠାଇଲା । ଦେବୀ ଏହାଦେଖି ନିଜ ଦେହରୁ ଚଉଷଠୀ ଯୋଗିନୀ, ନବକୋଟି କାତ୍ୟାୟନୀ ଏବଂ ଅସୁମାରୀ ଶେଣେହା ସୃଷ୍ଟିକରି ଯୁଦ୍ଧକ୍ଷେତ୍ରକୁ ପଠାଇଲେ। ବୋଧହୁଏ ପୁରାଣମତେ ଏହା ବିପରୀତ ଲିଂଗ ଓ ଶକ୍ତିମଧ୍ୟେରେ ସୃଷ୍ଟିର ପ୍ରଥମ ଯୁଦ୍ଧ । ଏମାନେ ସମସ୍ତେ ଧ୍ୱଂସ ହୋଇଗଲେ।

ଏବେ ମହିଷାସୁର ତା' ସାରଥି ଧୂମ୍ରଲୋଚନକୁ ଧରି ସୂର୍ଯ୍ୟକେତୁ ରଥରେ ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହେଲା। ଘମାଘୋଟ ଲଢ଼େଇ ଚାଲିଲା। ଦେବୀଙ୍କ ଆଦେଶମତେ ନିଜ ଦେହରୁ ସୃଷ୍ଟି ଡାକିନୀ ଧୂମ୍ରଲୋଚନଙ୍କୁ ଏବଂ ଭୂଆଷୁଣୀ ସୂର୍ଯ୍ୟକେତୁ ରଥକୁ ଗିଳିଦେଲେ। ଅଧୁନା ମହିଷାସୁର ଏକା। ଦେବୀ ତା ଶିର ଛେଦନ କଲେ। ସେଥିରୁ ପୁନଃ ଶିର ସୃଷ୍ଟି ହେଲା। ଶେଷରେ ଦେବୀ ତା ବକ୍ଷଉପରେ ପଦରଖି ତ୍ରିଶୂଳ ବାନ୍ଧିଲେ। ତଥାପି ସେ ତ୍ରିଶୂଳ ସହ ମହିଷାସୁର ଦେବୀଙ୍କୁ ଧରି କ୍ଷୀରସାଗରରେ ବୁଡିଗଲା। ଏହାପରେ ଦେବୀ ନିଜ ଦେହରୁ ସର୍ବମଂଗଳାଙ୍କୁ ସୃଷ୍ଟିକଲେ। ସର୍ବମଂଗଳା ଏକ 'ାଶଦ୍ୱାରା ତାକୁ କୂଳକୁ ଟାଣିଆଣିଲେ। ଏଥର ଆଦ୍ୟାଶକ୍ତି ଭାଗବତୀ ମହାଚାମୁଣ୍ଡା ରୂପ ଧାରଣ କଲେ ଏବଂ ଏହାର ଦର୍ଶନମାତ୍ରେ ମହିଷାସୁର ହୀନବଳ ହୋଇଗଲା। ଏଥର ସେ ଅନାୟସରେ ମୃତ୍ୟୁବରଣ କଲା। ଏହି ଦିନଟି ଥିଲା ଆଶ୍ୱିନଶୁକ୍ଳପକ୍ଷ ଦଶମୀ।

ସେହି ପୁରାଣ ମତେ ଜଣାଯାଏ ଯେ, ତ୍ରେତୟ ଓ ଦ୍ୱାପର ଯୁଗରେ ଯଥାକ୍ରମେ ରାମଚନ୍ଦ୍ର ତାଙ୍କ ଲଙ୍କ ବିଜୟ ପୂର୍ବରୁ ଏବଂ ପାଣ୍ଡବମାନେ ତାଙ୍କ ଯୁଦ୍ଧ ବିଜୟ ପୂର୍ବରୁ ଏହି ଦିବସରେ ପୂଜାର୍ଚ୍ଚନ କରିଥିଲେ । ରାମଚନ୍ଦ୍ର ଲଙ୍କା ବିଜୟ ଏହି ଦଶମୀ ଦିନ କରଥିବାରୁ ଏହି ଦିବସଟିକୁ ବିଜୟ ଦଶମୀ କୁହାଯାଏ। ଅନେକ ମତରେ ଏ ପୂଜା ଦଶଦିନ ଧରି ଚାଲିଥିବା ହେତୁ କିମ୍ବା ରାମ ଦଶାାାଶିର ରାବଣକୁ ହତ୍ୟା କରିଥା ହେତୁ ଅଥବା ଏହି ଦିବସରେ ଦେବୀଙ୍କୁ ଆରାଧନା କରି ଦଶଦୋଷ କରିଥିବା ପାପରୁ ମୁକ୍ତି ପାଉଥିବା ହେତୁ ଏହାକୁ ବି 'ଦଶହରା' କୁହନ୍ତି। ଅନେକ ଦୃଷ୍ଟିରୁ ଏ ଦିବସର ତାତ୍ପର୍ଯ୍ୟ ରହିଛି। ଏହି ଦିବସରେ ପାର୍ବତୀ ନିଜ ପିତ୍ରାଳୟକୁ ଗମନ କରନ୍ତି ଏହିଦିନ ସୋମନାଥ ବ୍ରତ ଆରମ୍ଭ ହୁଏ। ମୋଟ ଉପରେ ଶକ୍ତି ସଂପର୍କୀତ ଅନେକ କିଛି ଏହିଦିନ ହିଁ ହୋଇଥାଏ।

ତେବେ ଯାହା ହେଉ ଏହିପରି ଯୁଗେ ଯୁଗେ ଆସୁରୀକ ଶକ୍ତି ଉପରେ ଏ ଦୈବୀଶକ୍ତିର ଜୟ ଘଟିଛଇ। ଏ ମେଦିନୀ ଯେତେବେଳେ ଦୁଃଖଭାରରେ ଅତିଷ୍ଠ ହୋଇପ୍ଡ଼ଙ୍ଗ, ସେତେବେଳେ ସେ ଆଦ୍ୟାଶକ୍ତି ଅରୂପରୁ ରୂପନେଇ ଏବଂ ଅସୀମରୁ ସୀମାକୁ ଆସି ଆମରି ଗହଣରେ ପ୍ରବେଶ କରନ୍ତି । ନିଜେ ଅଥବା କାହାକୁ ଶକ୍ତି ପ୍ରଦାନ କରି ଦସ୍ୟୁ ସଂହରନ୍ତି । କେତେବେଳେ ସେ ପାଳନକୁ ଗଂଗାହୋଇ ଜ୍ରେଷ୍ଠ ଶୁକ୍ଳଦଶମୀରେ ଅବତୀର୍ଣ୍ଣ ହୁଅନ୍ତି ତ, କେତେବେଳେ ଦୁର୍ଗା ହୋଇ ସେ ରକ୍ଷାକର୍ତ୍ତା ସାଜନ୍ତି ଆଶ୍ୱିନ ଶୁକ୍ଳଦଶମୀରେ। ସତରେ ଏ ଆଦ୍ୟାଶକ୍ତିର କରୁଣା ଏବଂ ଗୁଣାବଳୀର ପଟ୍ଟାନ୍ତର ନାହିଁ। ରବିନ୍ଦ୍ର ନାଥ ଟାଗୋରଙ୍କ ଭାଷାରେ :

" ଅରୂପା ତୁମାର୍ ରୂପେର ଲୀଳାୟ
ଜାଗେ ହଞ୍ଜଦୟ ପୁର୍
ଆମାର ମଧ୍ୟେ ତୋମାର ଶୋଭା
ଏମନ୍ ସୁମଧୁର।"

ଏହି ଦିବସଟି ଦୁଃଖ ନିବାରଣ ଏବଂ ଶୁଭାଶୁଭର ଅନୁକୂଳର ଦିବସବୋଲି କ୍ଷତ୍ରୀୟମାନେ ଏହି ଦିବସରେ ସେମାସଙ୍କର ଅସ୍ତ୍ରଶସ୍ତ୍ର ପୂଜା କରନ୍ତି: ପାଟକଜାତିମାନେ ସେମାନଙ୍କର ସାଜ ଏବଂ କରଣମାନେ ସେମାନଙ୍କର ଲେଖନୀ ଏବଂ ଅନ୍ୟମାନେ ସଂରଜାମ ପୂଜା କରି ଶୁଭାନୁକୂଳ କରନ୍ତି।

ସତରେ ମାର କରୁଣା ଅପାର । ଧନ୍ୟ ସେ ମା' । ତା' ପାଦତଳେ କୋଟି କୋଟି ପ୍ରଣାମ।

ଅଧ୍ୟକ୍ଷ
ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,ଜଟଣୀ
ଦୂରଭାଷ : ୯୯୩୮୩୪୪୧୩୮

# ଗଣ ଆବର୍ତ୍ତନୀରେ ଗଣପତି


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ସ୍ୱର୍ଗ ସନ୍ଧିଧାନରେ ଶାନ୍ତ ସହାବସ୍ଥାନ ସମସ୍ତଙ୍କର ଅଛି, ପ୍ରତ୍ୟେକ ପ୍ରତ୍ୟେକ ଦାୟିତ୍ୱ ନିର୍ବାହରେ ଲିପ୍ତ ମୁଖ୍ୟ ଦେବତାମାନେ ଶକ୍ତିର କେନ୍ଦ୍ର ଉତ୍ସ। ଏହି ଶକ୍ତି କେନ୍ଦ୍ରକୁ ଅନେକ ଗୌଣ ଶକ୍ତି ସର୍ବଦା ଘେରି ମୁଖ୍ୟଙ୍କର ଆଦେଶ ମାତ୍ରେ ହାସଲ ପାଇଁ ଚେଷ୍ଟାରତ। ଶକ୍ତି ମାନଙ୍କର ଗଣ ଅଛନ୍ତି। ଯଥା ଇନ୍ଦ୍ରଙ୍କର ଗଣ ବ୍ରହ୍ମାଙ୍କର ଗଣ, ବିଷ୍ଣୁଙ୍କର ଗଣ, ଶିବଙ୍କର ଗଣ, ଶିବପୁତ୍ର କାର୍ତ୍ତିକଙ୍କର ଗଣ, ଗଣେଶଙ୍କର ଗଣ, ଦେବୀ ଦୁର୍ଗାଙ୍କର ଗଣ ପରି ବରୁଣ, କୁବେର, ଯମ ପରି ଦିଗପାଳଙ୍କର ଗଣ ମାନ ଅଛନ୍ତି। ତେବେ ସବୁ ଶକ୍ତିଙ୍କର ଗଣନାମ ଭିନ୍ନ ଭିନ୍ନ। ଶିବଙ୍କର ଗଣ, ଭୈରବ ଗଣ ଅଛନ୍ତି। ଦେବୀ ଶକ୍ତିଙ୍କର ଅନେକ ମହାଶକ୍ତି, ଉପଶକ୍ତି ଅଛନ୍ତି ଏହି ଶକ୍ତି ମାନଙ୍କର ଯୋଗିନୀ କାତ୍ୟାୟନ, ଭୈରବୀ ଶକ୍ତି ଅଛନ୍ତି। ବିଷ୍ଣୁଙ୍କର ଗଣରେ ତାଙ୍କର ଦ୍ୱାରପାଳ ଜୟବିଜୟ ଗଣରେ ଆସନ୍ତି। ବିଷ୍ଣୁଙ୍କର ଆୟୁଧ ଯାହା ଏମାନଙ୍କର ଆୟୁଧ ସେୟା, ଶିବଗଣରେ ନନ୍ଦୀଭୃଙ୍ଗୀ ଅଛନ୍ତି। ଭୈରବ ଶକ୍ତି ଦିଗ କୋଣ ମାନଙ୍କରେ ଜାଗ୍ରତ ଅଛନ୍ତି। ଏକ ଭୈରବ ସତୀ ଯେ ଶିବଙ୍କର ପତ୍ନୀ ତାଙ୍କ ସହିତ ସତୀଙ୍କ ପିତା ଦକ୍ଷ ରାଜଙ୍କ ଶିବହୀନ ଯଜ୍ଞକୁ ଶିବଙ୍କୁ ଏହି ଯଜ୍ଞକୁ ଅର୍ଚ୍ଚନା କରାଯାଇ ନଥିବାରୁ କୈଫିୟତ ତଲବରେ ଶିବଙ୍କ ଅନୁମତିରେ ଗଲାବେଳେ ତାଙ୍କ ସହିତ ଶିବଙ୍କର ଏକ ଭୈରବ ବୀରଭଦ୍ର ଯାଇଥିଲେ ସତୀଙ୍କର ଅଭିଯୋଗ ତାଙ୍କ ପିତା ଶୁଣି ଓଲଟି ଭର୍ତ୍ସନା ଧିକାର ଶିବଙ୍କୁ କରିବାରୁ ସତୀ ସ୍ୱାମୀଙ୍କର ଅପମାନ ସହ୍ୟନକରି ଯଜ୍ଞର ଲେଲିହାନ ନିଆଁକୁ ଡେଇଁ ପଡ଼ିଲେ। ତାପରେ ସେ ସ୍ଥାନରେ ଆସିଲା ଭୈରବ କୋପ ଯଜ୍ଞସ୍ଥଳ ନଷ୍ଟଭ୍ରଷ୍ଟ ନାନାଦି କାଣ୍ଡ। ତାପରେ ଶିବ ଆହୁତ ହେଲ ରଦ୍ରଲେପରେ ତାଙ୍କର ଶ୍ୱଶୁର ଦକ୍ଷ ପଡ଼ିଲେ ତାଙ୍କର ମୁଣ୍ଡ ରୁଦ୍ରଶୂଳରେ କଟିଲା ଏହାପରେ ପରିବେଶ ଶାନ୍ତି ହେଲା ହେଲେ ଦକ୍ଷଙ୍କର ଛାଗ ମୁଣ୍ଡ ଲାଗିଲା। ସତୀଙ୍କ ଦଗ୍ଧୀଭୂତ ଶରୀରକୁ ରୁଦ୍ର ତାଣ୍ଡବ ନର୍ତ୍ତନ କରିଥିଲେ। ଏ ସମୟ ଥିଲା ନାନାଦି ଆତଙ୍କ ପ୍ରଳୟାତ୍ମକ ସ୍ଥିତି। ଏଥିରୁ ବିଷ୍ଣୁ ମୋହ କଟିବା ପାଇଁ ସତୀଙ୍କର ପୋଡ଼ା ଶରୀରକୁ ଖଣ୍ଡେ ଖଣ୍ଡେ କରି ସୁଦର୍ଶନଚକ୍ରରେ କାଟି ଭାରତ ଭୂମିରେ ବିଭିନ୍ନ ସ୍ଥାନକୁ ବିଚ୍ଛୁରିତ କରିଥିଲେ। ଏପରି ଶବଧାର ଅବଶେଷ ପରେ ଶିବ ମୋହ ଭଙ୍ଗ କିଛି ଅଂଶରେ ହୋଇଥିଲେ। ସ୍ୱଶାଶୁଙ୍କର ବନ୍ଦନାରେ ଶିବ ଶାନ୍ତ ଆଡ଼କୁ ଆସି ସ୍ୱ ଶ୍ୱଶୁରଙ୍କ ଛାଗ ମୁଣ୍ଡ ସଂସ୍ଥାପନରେ ଜୀବନ୍ୟାସ କରି ଜୀବନ ଦାନ କରିଥିଲେ। ତାପରେ ସତୀଙ୍କର ପୁର୍ନଜନ୍ମ ପାର୍ବତୀଙ୍କର ରୂପରେ ହେଲା। ହରପାର୍ବତୀ ବିବାହ କିଛି ବର୍ଷ ପରେ ହେଲା ତପରତ ଶିବଙ୍କର ପତ୍ନୀ ନଥାଇ ଏକ ପଟିଆ ସାଧନାର ସଫଳ ଦିଗମାଳି, ଆଗମ ନିଗମ ଶାସ୍ତ୍ର ଏ ଦମ୍ପତ୍ତିଙ୍କର କଥୋପକଥନରୁ ଆସିଲା ଏଇ ଦୁଇଜଣଙ୍କ ଠାରୁ ଗଣେଶ, କାର୍ତ୍ତିକ ଜନ୍ମ ନେଲେ। ଗଣେଶ ଅର୍ଥ ଗଣଙ୍କର ଈଶ। ଏହି ଗଣ ଆବୃତ୍ତ ଗଣେଶ ମୁଖ୍ୟ ଦେବତା। ଗଣେଶଙ୍କର ଗଣ ମଧ୍ୟରେ ବିଘ୍ନଗଣ ପ୍ରଧାନ। ଯେତେ ପ୍ରକାର ବିଘ୍ନ ସଂସାରରେ ଅଛି ଏ ସବୁର ସେ ଗଣପତି। ବିଘ୍ନ ରାଜ୍ୟରେ ଗଣେଶ ରାଜା ବିଘ୍ନମାନେ ତାଙ୍କର ପ୍ରଜା। କୌଣସି କାର୍ଯ୍ୟରେ ବିଘ୍ନବାଧା ନ ରହିବା ପାଇଁ ଗଣେଶଙ୍କୁ ଏ ପାଇଁ ଆରାଧନା କରାଯାଏ। ତେବେ କେଉଁ ରାଜା ତାଙ୍କ ପ୍ରଜାଙ୍କୁ ମାରି କୌଣସି କାର୍ଯ୍ୟ ଅନ୍ୟ ପାଇଁ କରେକି ? କେବେ ସମ୍ଭବ ନୁହଁ। ଅତଏବ ଜ୍ଞାନୀ ମାନଙ୍କର ମଧ୍ୟରେ ଅଗ୍ରଗଣ୍ୟ ଗଣେଶ ଗଣମାନଙ୍କୁ ଦେଇଥିବା ସ୍ଥିର ଆଦେଶରେ ଥିବା ଫାଙ୍କା କନ୍ଦି ଖୋଜି ତାଙ୍କୁ ଆରଧନାକାରୀର କାର୍ଯ୍ୟ ହାସଲ ଖସିରେ ରହିଲେ କରିପାରନ୍ତି। ନିଜ କାନୁନ ସ୍ରଷ୍ଟା କେବେ କାନୁନ ଭଙ୍ଗ କରିନାହାନ୍ତି। ମାତ୍ର ପ୍ରତି କାନୁନରେ ଫାଙ୍କ ଥାଏ ସେ ବଳରେ ବ୍ୟକ୍ତି ଖସି ଯାଏ ଏକଥା ଏଇ ଗଣେଶଙ୍କୁ ଜଣା।

ମନୁଷ୍ୟମାନେ ସ୍ୱାର୍ଥପର ସ୍ୱାର୍ଥ ବ୍ୟକ୍ତିଗତ ସିଦ୍ଧି ପାଇଁ ସମସ୍ତେ ଗଣପତି ପୂଜାରେ ଡାକନ୍ତି ମାତ୍ର ଗଣେଶ ଶେଷ। ବିଚାରକ ତ୍ୱରିତ ବରରେ ସେମିତି ଅଙ୍କୁଶ ଲଗାଇ ପରେ ବରଗ୍ରହୀତା ପୁନଃ ବିଘ୍ନର ସମ୍ମୁଖୀନ ହୁଅନ୍ତି। ଉଦାହରଣ ସ୍ୱରୂପ ଜଣେ ବିବହ କରିପାରୁନାହିଁ ବିଘ୍ନରାଜଙ୍କ ଉପାସନା ସେ କଣ ସେ ବିବାହ ହୋଇପାରିଲା ମାତ୍ର ଦାମ୍ପତ୍ୟ କଳି ସନ୍ତାନ ଭରାଦରେ ବାଧା, ଦମ୍ପତୀଙ୍କର କାହାକୁ ରୋଗ ହେବା, ଦୁର୍ଘଟଣା ଘଟିଲା, ଏମିତି ପରେ ପରେ ଆସିପାରେ। ଏ ପାଇଁ ଏସବୁ ଛୋଟ ସିଦ୍ଧିରେ ଗଣେଶଙ୍କୁ ଜଡ଼ିତ ନକରି ବଡ଼ ସିଦ୍ଧିରେ ଜଡ଼ିତ କଲେ ଉତ୍ତମ ଯହିଁରେ ଅଙ୍କୁଶଧାରୀସାଧକର ପଥ ନିରଙ୍କୁଶ କରିପାରନ୍ତି। କଣ ସିଦ୍ଧି କଲେ ସବୁ ପ୍ରାପ୍ତି ପରେ ପରେ ମିଳିବ ଓ ଶାନ୍ତି ମିଳିବା ଏଇ ସିଦ୍ଧିରେ ମନ ଦେଲେ ଏଥିରେ ଥିବା ବଡ଼ ବଡ଼ ବିଘ୍ନ ଏଇ ବିଘ୍ନରାଜ ସନ୍ତୋଷ ହେଲେ ଶେଷ ହୁଏ। ଉଚ୍ଚଶିକ୍ଷିତ ଏକ ଜାଜ୍ୱଲ୍ୟମାନ ପ୍ରଦୀପ। ଏ ପ୍ରଦୀପରୁ ଲକ୍ଷ ଲକ୍ଷ ପ୍ରଦୀପ ଲଗାଗଲେ ବି ମୂଳ ପ୍ରଦୀପ ମ୍ଳାନ ହୁଏନାହିଁ। ମୂଳ ପ୍ରଦୀପକୁ ସମସ୍ତେ ଉଭସା କରନ୍ତି। ଗଣେଶ କାଠିଏ ସଂଖ୍ୟାରେ ପାଠ ପଢ଼ିଛନ୍ତି। ଯାହା ଏକରେ ବାଇଶଟି ଶୂନ୍ୟ ଦେଲେ ସେ ସଂଖ୍ୟାହୁଏ। ଯଦି ଏହି ସଂଖ୍ୟାର ଶଦ୍ଦ କେହି ମନେରଖେ ସେ କେତେ ଜ୍ଞାନୀ ହେବ ପ୍ରତ୍ୟେକ ହୃଦୟଙ୍ଗମ କରିବା କଥା। ଏମିତି ବିଦ୍ୟାନାହିଁ ଯହିଁରେ ଗେଣଶଙ୍କ ସିଦ୍ଧି ନାହିଁ। ଅତଏବ ଶ୍ରୀଗଣେଶଙ୍କୁ ଆରାଧନା ଠିକ ଭାବରେ କଲେ ଏକ କଣ ଅନେକ ବିଦ୍ୟା ସିଦ୍ଧି ହୋଇପାରେ ଚୌର୍ଯ୍ୟା ବିଦ୍ୟାଙ୍କ ଗଣେଶଙ୍କର ଆୟତ ଖୋଦ ତାଙ୍କ ବାହନ ମୂଷା ବଡ଼ ଚୋର ସେ ତାକୁ ବାହନ କରିଛନ୍ତି। ସେ ବାହାନ ବି ଏକ ଗଣ। ଚୌର୍ଯ୍ୟ ବିବାହର ଅନୁସଙ୍ଗତି ଅନେକ ବିଦ୍ୟା ଅଛି। ଏଥିରେ ମନରଖିବା ବ୍ୟକ୍ତିମାନେ ବିଦ୍ୟାସିଦ୍ଧି କରିପାରନ୍ତି ମାତ୍ର ଆଶ୍ଚର୍ଯ୍ୟ ମୂଷିକ ଗର୍ତ୍ତରେ ଲୁଚିବା ପରି ତାଙ୍କୁ ସାମାଜିକ ଜୀବନରେ ଏକ ନିନ୍ଦନୀୟ ସ୍ତରରେ ପରେ ରହିବାକୁ ପଡ଼େ। ପୋଲିସ ଭୟ ଆସେ ସେ ପାଇଁ ଲୁଚିବା ସ୍ତର ସେମାନେ ଖୋଜିଥାନ୍ତି। ଏ ସିଦ୍ଧିର ଶୁଭଦିଗ ସାର୍ବଜନୀନ ନୁହଁ ହେଲେ ବି ଚୋର ଡାକୁ ମଦ୍ୟପ ଠକ ଏମାନେ ଗଣେଶ ପୂଜାରେ ମନ ଦିଅନ୍ତି। ଏମାନେ ଫଳ ପାଆନ୍ତି ତା ସହିତ ବିଭିନ୍ନ ବିଘ୍ନ ତାଙ୍କର ପିଛା କରୁଥାଏ। ତିଥିମାନେ ୧୫ ୨ = ୩୦ ଏ ମଧ୍ୟରେ ମାତ୍ର ୧୫ର ବର୍ଗୀକରଣ ଅଛି। ନନ୍ଦା, ଭଦ୍ରା, ଜୟା, ରିକ୍ତା, ପୂର୍ଣ୍ଣା, ରିକ୍ତାରେ ୪ର୍ଥୀ, ୯ମୀ, ୧୪ଶୀ ଆସନ୍ତି। ଏଥିରୁ ୪ର୍ଥୀ ଗଣେଶଙ୍କୁ ଭକ୍ତିରେ ମନାଇ ତାର ତିଥିରେ ତାଙ୍କର ଜନ୍ମଦିନ ପାଳନ ପାଇଁ ବରପ୍ରାପ୍ତ। ୧୨ମାସରେ ୨୪ଟି ୪ର୍ଥୀ ବିନାୟକ, ଚତୁର୍ଥୀ ଓ ଭାଦ୍ର ଶୁକ୍ଳ ୪ର୍ଥୀ ହିଁ ଗଣେଶ ଚତୁର୍ଥୀର ମୁଖ୍ୟ ମାନ୍ୟତାରେ ଆସେ। ରିକ୍ତା ଅର୍ଥ ନିନ୍ଦନୀୟ ଏକ ତିଥି ଏଥିରେ କୌଣସି କର୍ମ କରାଯାଏ ନାହିଁ। କିନ୍ତୁ ଶ୍ରୀଗଣେଶପୂଜା ଏ ତିଥିରେ ପାଳନ ହୁଏ। ୪ର୍ଥୀର ୧ମ କରଣ ବାଣିଜ୍ୟ କରଣ, ୨ୟ କରଣ ବିଷ୍ଟି କରଣ, ବିଷ୍ଟିକରିଣ ବି ନିନ୍ଦନୀୟ ହେଲେ ୪ର୍ଥୀ ବିଷ୍ଟି କରଣ ଶ୍ରୀଗେଣଶ ପୂଜା ସମ୍ବନ୍ଧ ହେତୁ ଲୋକରେ ଏଇ ଅଗ୍ରଗଣ୍ୟ ଦେବତା ପୂଜା ସର୍ବ ମାନ୍ୟରେ ଅଛି। ୧ତିଥି-୨ୟକରଣରେ ଆସେ। ୧ମ କରଣ ଦିବାକାଳର ୨ୟ କରଣ ରାତ୍ରୀକାଳରେ ଭୋଗ ହୁଏ। ଗଣେଶ ଚତୁର୍ଥୀର ରାତ୍ରୀରେ ଚନ୍ଦ୍ର ଦର୍ଶନ ମନା କାରଣ ଚୌର ଅଭିଯୋଗ ଏ ଦିନ ରାତ୍ରୀରେ ଚନ୍ଦ୍ର ଦର୍ଶନକାରୀକୁ ଲାଗେ। ଏମିତିକି ଶ୍ରୀକୃଷ୍ଣଙ୍କୁ ଏ ଦୋଷ ଲାଗିଥିଲା। ଭାଦ୍ରବ ମାସରେ ବିଷ୍ଟି ପାତଳରେ ବାସ କରନ୍ତି ଓ ତାର ନାମ ହଂସୀଭଦ୍ରା ବିଷ୍ଟି ସ୍ୱର୍ଗ ମର୍ତ୍ତ୍ୟ ପାତାଳରେ ବାସ କମରିଥାନ୍ତି। ମର୍ତ୍ତ୍ୟମାନେ ମୃତ୍ୟୁଲୋକ, ଅର୍ଥ ପୃଥିବୀ ଏହି ପୃଥିଭଦ୍ରା ବିଶେଷ କରି ପୃଥିର କୌଣସି କାର୍ଯ୍ୟ ବାଧା ପ୍ରଦାନ କରି ପାତାଳ ଭଦ୍ରା ସର୍ପଲୋକର କ୍ଷତିକର, ଗଣେଶ ଚତୁର୍ଥୀରେ ଶୁଭକାର୍ଯ୍ୟ ମନା, ମାତ୍ର ବାଣିଜ୍ୟ କରଣ ସମ୍ବନ୍ଧ ସମୟରେ ବାଣିଜ୍ୟାଦି ଆରମ୍ଭ କରାଯାଏ। ଅନେକ ସ୍ୱ ମୁଖ୍ୟଦ୍ୱାରରେ ଗଣେଶଙ୍କ ପ୍ରତିକୃତି ଲଗାନ୍ତି। ଏହି ବ୍ୟକ୍ତିମାନେ ଗଣେଶଙ୍କର ସ୍ଥିତି ବୁଝି ନାହାଁନ୍ତି। ମାତା ପାର୍ବତୀ ଅନ୍ନପୂର୍ଣ୍ଣାଙ୍କ ବାସଗୃହ ବାହାର ପଟରେ ଏଇ ଗଣେଶ ଦ୍ୱାର ଜଗିଥାନ୍ତି। ଏଥିରୁ ଶିକ୍ଷା ଗୃହରେ ଥିବା ପାର୍ବତୀ ଅନ୍ନପୂର୍ଣ୍ଣା ଅନ୍ନଦାନ କାରିଣୀଶକ୍ତି ଦ୍ୱାର ଦେଶରେ ଭିକ୍ଷାଂଦେହୀ ତାଙ୍କର ମାତ୍ର ଅନ୍ନ ସେହି ବ୍ୟକ୍ତିକୁ ଭିକ୍ଷା ଦିଅନ୍ତି। ଅତଏବ ଭିକ୍ଷା ପାଇଁ ଆସୁଥିବା ଆଶାୟୀକୁ ଗଣେଶ ଅର୍ଭ୍ୟର୍ଥନା ପାଇଁ ପ୍ରତିକ୍ଷାରତ ଓ ପରୋକ୍ଷରେ ଅତିଥି ଅଭ୍ୟାଗତ ଆଶାୟୀ ମାନଙ୍କୁ ଗଣେଶ ତାଙ୍କର ମାତାଙ୍କ ପାଇଁ ଅପେକ୍ଷାରତ। ମାତ୍ର ଯେଉଁ ଗୃହରେ ଶ୍ରୀଗଣେଶଙ୍କ ପ୍ରତିକୃତି ଲଗାଯାଇଛି ସେ ଗୃହରେ ଏମିତି ଅତିଥି ଅଭ୍ୟାଗତ ସେବା ପାଇଁ ବ୍ୟବସ୍ଥା ଅଛି କି ? ଗୃହର ଗୃହକର୍ତ୍ତା ଏମିତି ଉଦାର କି ? ମାଆ ଭଉଣୀଙ୍କୁ ଗଣେଶ ଜଗିଛନ୍ତି, ଗୃହର ବ୍ୟକ୍ତିମାନେ ଏମିତି ମାଆ ଭଉଣୀଙ୍କୁ ସମ୍ମାନ ଦେଖାଉଛନ୍ତି କି ? ଏପରି ନଥାଇ ପୁନଶ୍ଚ ଦ୍ୱାର ମୁହଁରେ ଲୁହା କବାଟକୁ ବିଓ୍ୱେୟାର ହତ ଡଗ୍ କେତେକଙ୍କ ଦ୍ୱାରରେ ଲଗାଯାଇଛି। ଏଥିରେ ଗଣେଶ ଲୋକଙ୍କ ଘର ଜଗିବେ କି ନାହିଁ ଲଗାଇବା ଲୋକ ବୁଝିପାରିବେ ? ବରଂ ଗଣେଶଙ୍କର ପାଶ ଅଙ୍କୁଶ ଗୃହକର୍ତ୍ତାଙ୍କ ପାଇଁ ଲାଗୁ ହୋଇଯିବ। ଯାହା ଅନେକ କଷ୍ଟର କାରଣ ହୋଇପାରେ।

ଗୁଡ଼ିଆଙ୍କ ଇଷ୍ଟ ଶ୍ରୀଗଣେଶ, ଗୁଡ଼ିଆଙ୍କର ପ୍ରାକ କାଳରେ ଗୁଡ଼ ତିଆରି ମିଠା ଦୁର୍ଲଭ ଉଖୁଡ଼ା ଦୁର୍ଲଭ ଫେଣା ଦୁର୍ଲଭ ଅନ୍ୟସବୁ ମିଠା ଆଧୁନିକ ଯାହା ଚିନିରେ ତିଆରି। ଏହା ସାଂଘାତିକ ଡାଇବେଟିସ ରୋଗର ଏକ ବିରୋଧ ଖାଦ୍ୟ, ଗଣେଶଙ୍କ ଅମୃତଲଡୁ ଏବେ ବିଷରେ ପରିବର୍ତ୍ତିତ ହୋଇଯାଇଛି। ମୋଦକ ଲଡୁକୁ ଏତେ ଆଗ୍ରହ ଲୋକଙ୍କର ନାହିଁ। ରସଗୋଲାଦି ବିଷ ସଦୃଶ ଦ୍ରବ୍ୟ ଡାଇବେଟିସ ରୋଗୀଙ୍କ ପାଇଁ କାମ କରୁଛି। ବଣିଆଁ ଦୋକାନରେ ସୁଦୃଶ୍ୟ ଆସନରେ ଗଣେଶ ପୂଜା ହେଲେ ଏଠାରେ ଗଣେଶ ମିଥ୍ୟାଶ୍ରୟୀଙ୍କର ସାକ୍ଷୀ ହୋଇ ତାଉ୍‌କର ପାଶ ଅଙ୍କୁଶ ମୂଷିକ ତାଙ୍କ ପାଇଁ ସମୟକୁ ଲଗାଉଛନ୍ତି। ପ୍ରତି ବନ ବଡ଼ ଡାକ୍ତରଖାନାରେ ଗଣେଶଙ୍କ ପଥର ମୂର୍ତ୍ତି ଲଗା ଗଲାଣି ଏ ଗଣେଶ ପଥରକୁ ଡାକ୍ତର ଓ କର୍ମଚାରୀଙ୍କ କାର୍ଯ୍ୟାବଳୀର ଦିଗ ଗୁଡ଼ିକ ଦେଖି ଦେଖି ଆହୁରି ପଥର। ରୋଗୀ ଠାରୁ ଅର୍ଥ ଆଦାୟ ପାଇଁ ନାନାଦି ମିଥ୍ୟା ଆଶ୍ରୟ ଆଳକୁ ଗଣେଶ କେବେ ସହ୍ୟ କରିବେନାହିଁ। ପୃଥି, ଦେଶ, ରାଜ୍ୟ, ଜିଲ୍ଲା, ତହସିଲ, ବ୍ଲକ, ଥାନା, ପଞ୍ଚାୟତ ଓ ଅନେକ ଅନୁଷ୍ଠାନର ମୁଖ୍ୟ ଜଣେ ଜଣେ ଗଣପତି ଏମାନେ ଗଣେଶଙ୍କର ସନ୍ଧିଧାନରେ ଯଦି ନଚାଲନ୍ତି ତେବେ କଥା ସରିବ। ଅର୍ଥଲୋଭ ସ୍ୱାର୍ଥସିଦ୍ଧି କେବେ ଗଣେଶଙ୍କର ନାହିଁ ଏହା ବୁଝି ପଦବୀ ରକ୍ଷା ଓ ପ୍ରଶାସନ ଚଳାନ୍ତୁ ଅନ୍ୟତା ପାଶ ଓ ଅଙ୍କୁଶ କାହୁଥିବ ଭିଡ଼ି ଆସିବ। ପଥର ଧାତୁ ମୃତ୍ତିକା ଫଟୋ ଗଣେଶଙ୍କୁ ପୂଜା କଲାବେଳେ ତାଙ୍କର ଶକ୍ତି ମାଗନ୍ତୁ ମାତ୍ର ମାୟାରେ ରହନ୍ତୁନାହିଁ। ସବୁଶେଷ ଏଇ ଗଣେଶ ହିଁ କରିପାରନ୍ତି। ହାତ ଉପରେ ତାଙ୍କର ପାଶ ଅଙ୍କୁଶ କେଉଁଠୁ ଆସିଲାଗିଯିବ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*




# ବାରୁଅ ଗ୍ରାମପଂଚାୟତ ସରପଂଚଙ୍କ ବିରୋଧରେ ୱାର୍ଡସଭ୍ୟ/ସଭ୍ୟାଙ୍କ ଅନାସ୍ଥା ପ୍ରସ୍ତାବ ନୋଟିସ

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୁଅ ଗ୍ରାମପଂଚାୟତର ସରପଂଚ ସୁଶୀଳା ରାଉତଙ୍କ ବିରୋଧରେ ମୋଟ ୨୧ଜଣ ୱାର୍ଡସଭ୍ୟ/ସଭ୍ୟାଙ୍କ ମଧ୍ୟରୁ ୧୭ଜଣ ୱାର୍ଡସଭ୍ୟ/ସଭ୍ୟାମାନେ ନାୟବ ସରପଂଚ ବସନ୍ତ ନାୟକ ଓ ୧୫ନମ୍ବର ୱାର୍ଡସଭ୍ୟ ଗୋବର୍ଦ୍ଧନ ଦାସଙ୍କ ନେତୃତ୍ୱରେ ଶୁକ୍ରବାର ଉପଜିଲ୍ଲାପାଳଙ୍କୁ ଅନାସ୍ଥା ପ୍ରସ୍ତାବ ନୋଟିସ ପ୍ରଦାନ କରିଥିବା ଜଣାପଡିଛି । ଗତ ୮ତାରିଖରେ ଏହି ଉପଲକ୍ଷେ ପଂଚାୟତର ନାୟବ ସରପଂଚ ଶ୍ରୀ ନାୟକଙ୍କ ସଭାପତିତ୍ୱରେ ବାରୁଅସ୍ଥିତ ଶ୍ରୀ ସିଦ୍ଧ ମହାପୁରୁଷ ମଠ ପରିସରରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ସେହି ବୈଠକରେ ବାରୁଅ ପଂଚାୟତର ସରପଂଚ ଶ୍ରୀମତୀ ରାଉତଙ୍କ ମନମୁଖି ବେଆଇନ କାର୍ଯ୍ୟ ପାଇଁ ସୃଷ୍ଟି ହୋଇଥିବା ଅରାଜକତା ବାତାବରଣ ଉପରେ ଉପସ୍ଥିତ ପଂଚାୟତର ୱାର୍ଡସଭ୍ୟ/ସଭ୍ୟାମାନେ ବିଷଦ ଭାବେ ଆଲୋଚନା କରି ପ୍ରସ୍ତାବ ଗୃହିତ କରିଥିଲେ । ପ୍ରସ୍ତାବ ଗୁଡିକ ମଧ୍ୟରେ ଗତ ଏକବର୍ଷ ହେବ ପଂଚାୟତର ବୈଠକ ନବସିବା, ପଲ୍ଲିସଭା ଓ ଗ୍ରାମସଭା ଆହୁତ ନହୋଇ ପଂଚାୟତରେ ବିଭିନ୍ନ କାର୍ଯ୍ୟ କରାଯିବା, ପିଛିଲା ପଲ୍ଲିସଭାରେ ଚଂଚକତା ପୂର୍ଣ୍ଣ ଭାବେ ବ ମାନର କାର୍ଯ୍ୟ ଗୁଡିକୁ ଯୋଗ କରାଯିବା,ପଂଚାୟତକୁ ଆସୁଥିବା ଗୁରୁତ୍ୱପୂର୍ଣ୍ଣ ସରକାରୀ ଚିଠିପତ୍ରକୁ ପଂଚାୟତ ବୈଠକରେ ଆଲୋଚନା କରାନଯିବା ପ୍ରଭୃତି ସରପଂଚଙ୍କ ମନମୁଖି କାର୍ଯ୍ୟକୁ ପ୍ରତିପାଦିତ କରୁଛି । ଗତ ଫନୀ ବାତ୍ୟାରେ ପଂଚାୟତକୁ ଆସିଥିବା ରିଲିଫ ସାମଗ୍ରୀ ପଂଚାୟତର ଜନସାଧାରଣଙ୍କ ମଧ୍ୟରେ ବଂଟନ କରାନଯାଇ ଏବେବି ପଂଚାୟତର ଗୋଦାମଘରେ ଖତ ଖାଇବା ସରପଂଚଙ୍କ ଅବହେଳାର ନିଦର୍ଶନ । ପଂଚାୟତରେ ଗ୍ରାମ ଆଲୋକୀକରଣ ଯୋଜନାରେ ଲଗାଯାଇଥିବା ଷ୍ଟ୍ରୀଟ ଲାଇଟରେ ବ୍ୟାପକ ଦୁର୍ନିତୀ, ଇନ୍ଦିରା ଆବାସ,ବିଜୁ ପକ୍କାଘର ଓ ମୋକୁଡିଆ ଯୋଜନାରେ ଠିକଣା ହିତାଧିକାରୀ ଚୟନ ନହେବା ଘଟଣାକୁ ତଦନ୍ତ ପରିସରଭୁକ୍ତ କରାଯାଉ । ଏହିସବୁ ଦୁର୍ନିତୀ,ବେଆଇନ,ଅବହେଳା ଓଭ୍ରଷ୍ଟାଚାର କାରଣରୁ ସରପଂଚ ଶ୍ରୀମତୀ ରାଉତଙ୍କ ଉପରୁ ଆସ୍ଥା ହରାଇ ତୁରନ୍ତ ତାଙ୍କୁ ଆଇନ ମୁତାବକ ବହିଷ୍କାର କରାଯିବା ପାଇଁ ବୈଠକରେ ଦାବୀ କରାଯାଇଛି । ବୈଠକରେ ସରପଂଚଙ୍କ ବିରୋଧରେ ଗୃହିତ ଅନାସ୍ଥା ପ୍ରସ୍ତାବକୁ କେନ୍ଦ୍ରାପଡା ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏହି ବୈଠକରେ ୱାର୍ଡସଭ୍ୟ ଉମେଶ ଚନ୍ଦ୍ର ପରିଡା, ରାଜ କିଶୋର ନାୟକ, ମୀନତି ପରିଡା, ସୁକାନ୍ତି ଦାସ, ନକୁଳ ମଳିକ, ସଂଯୁକ୍ତା ବିଶ୍ୱାଳ, ରଶ୍ମିତା ମଳିକ, ସ୍ନେହଲତା ପାଳ, ପ୍ରବୀର କୁମାର ମଳିକ, ବିଦ୍ୟୁଲତା ସେଠୀ, ମମତା ସାମଲ, ମାନସ ପରିଡା, ରୁକ୍ମଣୀ ପରିଡା, ଗୋବର୍ଦ୍ଧନ ଦାସ, ମନୋରମା ବିଶ୍ୱାଳ ଓ ଲିତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ସରପଂଚ ଶ୍ରୀମତୀ ରାଉତଙ୍କ ବିରୋଧରେ କୋଟି କୋଟି ଟଙ୍କା ଆତ୍ମସାତର ଅଭିଯୋଗ ଆଣିଛନ୍ତି ୧୭ଟି ୱାର୍ଡର ୱାର୍ଡସଭ୍ୟ/ସଭ୍ୟା । ଏମଜିଏନଆରଜିଏସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବନିକରଣ, ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ, ଗୋପବନ୍ଧୁ ଗ୍ରାମୀଣ ଯୋଜନା ସମେତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଲକ୍ଷ ଲକ୍ଷ ଟଙ୍କା ବିନା କାର୍ଯ୍ୟରେ ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି । ଏଭଳିକି କୋଭିଡ ସମୟରେ ମଧ୍ୟ ସରପଂଚ କୌଣସି ୱାର୍ଡସଭ୍ୟ/ସଭ୍ୟାଙ୍କୁ ନଜଣାଇ ନିଜେ ସବୁ ନିମ୍ନମାନର ଉପକରଣ କିଣିଥିବା ଅଭିଯୋଗ ହୋଇଛି । ୨୧ଟି ୱାର୍ଡରେ ୮୦ଟି ନିମ୍ନମାନର ବିଦ୍ୟୁତ ବଲ୍ବ ଲଗାଯାଇଥିବା ବେଳେ ୧୫୦ଟି ବଲ୍ବ ଲାଗିଥିବା ଦର୍ଶାଇ ପ୍ରତ୍ୟେକ ବଲ୍ବର ଦାମ ୧୫ହଜାର ୫ଶହ ଟଙ୍କା ଲେଖାଁଏ ବିଲ କରାଯାଇଥିବା ଅଭିଯୋଗ ହୋଇଛି । ସରପଂଚଙ୍କ ଏଭଳି ଏକଛତ୍ରବାଦ ନୀତି ବିରୋଧରେ ୱାର୍ଡସଭ୍ୟ/ସଭ୍ୟାମାନେ ବାଧ୍ୟ ହୋଇ ଅନାସ୍ଥା ପ୍ରସ୍ତାବ ନୋଟିସ ଦେଇଥିବା କହିଛନ୍ତି । ଯଦି ସରକାରୀ ଆଇନ ଅନୁଯାଇ ପଦକ୍ଷେପ ଗ୍ରହଣ କରାନଯାଏ ତେବେ ସେମାନେ ବାଧ୍ୟ ହୋଇ ସବୁଦିନ ପାଇଁ ପଂଚାୟତ କାର୍ଯ୍ୟାଳୟରେ ତାଲା ପକାଇବେ ବୋଲି ଚେତାବନୀ ଦେଇଛନ୍ତି ।

# କୁଏତ ରେ ଭାରତୀୟ ପ୍ରବାସୀ ପରିଷଦ ଦ୍ୱାରା (ବିପିପି) ସ୍ୱାସ୍ଥ୍ୟ ଶିବିର ଆୟୋଜନ




କୁଏତ,(ପି.ଏନ): ଗତ ଶୁକ୍ରବାର - ୨୩- ମଇ ତାରିଖରେ, ଭାରତୀୟ ପ୍ରବାସୀ ପରିଷଦ, ଫାହିଲ୍ କ୍ଷେତ୍ର କମିଟି ଏମ୍ବ ଖୈତାନର ସିଟି କ୍ଲିନିକ୍ ର ସହିତ ମିଳିତ ସହଯୋଗରେ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଆୟୋଜନ ହୋଇ ଯାଇଛି । ଉଦ୍ଘାଠନୀ ସମାରୋହରେ ବିପିପି ଉପାଧକ୍ଷ ଶ୍ରୀ ସମ୍ପଥ କୁମାର ଅଧକ୍ଷତା କରିଥିଲେ । ଫାହାହିଲ୍ କ୍ଷେତ୍ର ସଭାପତି ଶ୍ରୀ ରାଜେଶ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସୁଲେବିୟା ଶିବିର ସଂଯୋଜକ ଶ୍ରୀ ପ୍ରସନ୍ନନ ଧନ୍ୟବାଦ ଅର୍ପଣ କରିଥିଲେ ।

ଫାହାହିଲ୍ କ୍ଷେତ୍ର ମହାସଚିବ ଶ୍ରୀ ରାଜେଶ ଥିରୁଭୋନମ୍ ସିଟି କ୍ଲିନିକ୍ ର ଉପ-ମହାପ୍ରବନ୍ଧକ ଶ୍ରୀ ସତୀଶଙ୍କୁ ଏକ ସ୍ମାରକୀ ପ୍ରଦାନ କରିଥିଲେ । ବିପିପିର ସାଧାରଣ ସମ୍ପାଦକ ଶ୍ରୀ ହରି ବଳରାମପୁରମ, ସଦସ୍ୟତା ସଚିବ ଶ୍ରୀମତୀ ରେଶମୀ ନବୀନ, କଲ୍ୟାଣ ସଚିବ ଶ୍ରୀ ଆର. ଜେ. ରାଜେଶ, ଭାରତୀୟ ପ୍ରବାସୀ ପରିଷଦ ଓଡିଶା ୱିଂଙ୍ଗି ର ସଭାପତି ଶ୍ରୀଯୁକ୍ତ ବିଶ୍ୱରଞ୍ଜନ ସାହୁ, ଏବଂ କ୍ଷେତ୍ର ଉପାଧକ୍ଷ ଶ୍ରୀ ବାଲାମୁରୁଗନ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ବିଷୟରେ ବକ୍ତବ୍ୟ ପ୍ରଦାନ ରଖିଥିଲେ । ପ୍ରବାସୀ ଭାରତୀୟ ଓଡ଼ିଶା ୱିଙ୍ଗ୍ ର ସଭାପତି ଶ୍ରୀଯୁକ୍ତ ବିଶ୍ୱ ରଞ୍ଜନ ସାହୁ - ନିଜର ବକ୍ତବ୍ୟ ପ୍ରଦାନ କରି ଥିଲେ - ପ୍ରବାସୀ ଭାରତୀୟ ଙ୍କ ସ୍ୱାସ୍ଥ୍ୟ କ୍ଷେତ୍ର ରେ କିପରି ସୁରକ୍ଷିତ ରେ ରହିବେ ସେ ବିଷୟରେ ପରାମର୍ଶ ଦେଇ ଥିଲେ । ଆରୋଗ୍ୟମ୍ ? ପରମଂ ଭାଗ୍ୟଂ ସ୍ୱାସ୍ଥ୍ୟଂ ସର୍ବାର୍ଥସାଧନମ୍ ?" ଆମ ଶାସ୍ତ୍ର କୁହେ, ସୁସ୍ଥ ରହିବା ହେଉଛି ପରମ ସୌଭାଗ୍ୟ । ସୁସ୍ଥ ବ୍ୟକ୍ତି ଦ୍ୱାରା ସମସ୍ତ କାର୍ଯ୍ୟର ସିଦ୍ଧି ହୋଇଥାଏ । ସୁସ୍ଥ ମଣିଷରୁ ସମୃଦ୍ଧ ସମାଜର ପରିକଳ୍ପନା କରାଯାଇପାରିବ, ତେଣୁ ବିକଶିତ ରାଷ୍ଟ୍ର ହେବା ଅଭିମୁଖେ ଅଗ୍ରସର ହେଉଥିବା ଆମ ଦେଶର ଜନସାଧାରଣଙ୍କ ଉତ୍ତମ ସ୍ୱାସ୍ଥ୍ୟର ଆବଶ୍ୟକତା । ଆଜିର କାର୍ଯ୍ୟକ୍ରମ ରେ ଶତାଧିକ ପ୍ରବାସୀ ଭାରତୀୟ ଏହି ଅବସରରେ ଉପସ୍ଥିତ ଥିଲେ ଓ ସେମାନଙ୍କ ପାଇଁ ଏକ ସୁନ୍ଦର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା, ଏଥି ନିମନ୍ତେ ନିଜର ଆନନ୍ଦ ଓ ଶୁଭେଚ୍ଛା ପ୍ରକାଶ କରିବା ସହିତ - ମାନବ ସେବା ହିଁ ମାଧବ ସେବା ଏଭଳି ଲକ୍ଷ୍ୟ ରଖି - ବିଦେଶ ରେ ବିଭିନ୍ନ ବ୍ୟସ୍ତ ବହୁଳ ସମୟ ମଧ୍ୟରେ ସ୍ୱାସ୍ଥ୍ୟ ଶିବିର ର ସଫଳତା ନିମନ୍ତେ ସମସ୍ତ ସଙ୍ଗ ର ପ୍ରତିନିଧି ଙ୍କୁ ଧନ୍ୟବାଦ୍ ପ୍ରଦାନ କରିଥିଲେ । ଏହା ସହିତ ବିଭିନ୍ନ ସେବା, ସଚେତନତା କାର୍ଯ୍ୟକ୍ରମ କୁ କିପରି ଆଗକୁ ପ୍ରଚାର ଓ ପ୍ରସାର କରାଯିବ ସହିତ କିଭଳି ଅଧିକରୁ ଅଧିକ ରୋଗୀ ସେବା ଓ ସଚେତନତା ଯୋଗାଇ ଦିଆଯିବ ସେ ଦିଗରେ ସମସ୍ତ ପ୍ରୟାସ କରାଯିବ ବୋଲି ଭାରତୀୟ ପ୍ରବାସୀ ପରିଷଦ ସଙ୍ଘ ଓ ସିଟି କ୍ଲିନିକ୍ ର ସହଯୋଗରେ ସମସ୍ତ ଙ୍କୁ ସ୍ୱାସ୍ଥ୍ୟ ସେବାର ସୁବିଧା ମିଳିପାରିବ ସେଥି ପ୍ରତି ଦୃଷ୍ଟିପାତ କରିବେ ବୋଲି, ଶ୍ରୀଯୁକ୍ତ ବିଶ୍ୱରଂଜନ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।

ସିଟି କ୍ଲିନିକ୍ ଗ୍ରୁପର ଉପ-ମହାପ୍ରବନ୍ଧକ ଶ୍ରୀ ସତୀଶ ମଞ୍ଜପ୍ପା ତାଙ୍କର ଆନନ୍ଦ ପ୍ରକାଶ କରିଥିଲେ ଏବଂ ବ୍ୟକ୍ତିବିଶେଷଙ୍କ ମଙ୍ଗଳ ପାଇଁ ଏପରି ଶିବିରଗୁଡ଼ିକୁ ପ୍ରୋତ୍ସାହିତ କରିବେ ବୋଲି ଆଶ୍ୱାସନା ଦେଇଥିଲେ ।

ସିଟି କ୍ଲିନିକ୍ ଖୈତାନ ପରିଚାଳକ ଶ୍ରୀ କିରଣ ରେଡ୍ଡୀ ଉପସ୍ଥିତ ଲୋକଙ୍କୁ ସ୍ୱାସ୍ଥ୍ୟ ଶିବିରର ବିଷୟରେ ପ୍ରବାସୀ ଭାରତୀୟ ଙ୍କୁ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସେବାର ବିଭିନ୍ନ ସୁବିଧା ଓ ସୁଯୋଗ ମିଳିପାରିବ, ଏ ବିଷୟରେ ଅବଗତ କରି ଥିଲେ

ଏବଂ କ୍ଲିନିକ୍ ର ବିଭିନ୍ନ ସୁବିଧାଗୁଡ଼ିକୁ ବ୍ୟବହାର କରିବାକୁ ଉତ୍ସାହିତ କରିଥିଲେ ।

ଡକ୍ଟର ନଜୀବ (ବରିଷ୍ଠ ପରାମର୍ଶଦାତା) ସମାବେଶକୁ ସମ୍ବୋଧିତ କରି ସୁସ୍ଥ ଶରୀର ବଜାୟ ରଖିବା ପାଇଁ ସମୟକାଳୀନ ଭିତରେ ସ୍ୱାସ୍ଥ୍ୟ ପରୀକ୍ଷାର ଆବଶ୍ୟକତା ବିଷୟରେ ସୂଚନା ଦେଇଥିଲେ । ସେ ପୁନରାବୃତ୍ତି କରିଥିଲେ ଯେ ସ୍ୱାସ୍ଥ୍ୟ ସଚେତନତା ହେଉଛି ଶାରୀରିକ, ମାନସିକ ଏବଂ ଭାବପ୍ରବଣ ସୁସ୍ଥତା ବଜାୟ ରଖିବାର ବୁଝାମଣା ଏବଂ ଜ୍ଞାନ, କାରଣ ଏହା ରୋଗକୁ ରୋକିବା, ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଏବଂ ରୋଗର ପ୍ରାରମ୍ଭିକ ଚିହ୍ନଟ ଏବଂ ଚିକିତ୍ସାକୁ ଉତ୍ସାହିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସେ ଆହୁରି ମଧ୍ୟ କହିଥିଲେ ଯେ ପୁଷ୍ଟିସାର, ବ୍ୟାୟାମ, ପରିଷ୍କାର ପରିଚ୍ଛନ୍ନତା ଏବଂ ନିୟମିତ ଡାକ୍ତରୀ ଯାଞ୍ଚ ବିଷୟରେ ଅବଗତ ରହି ବ୍ୟକ୍ତିବିଶେଷ ଏପରି ସୂଚନାପୂର୍ଣ୍ଣ ନିଷ୍ପତ୍ତି ନେଇପାରିବେ ଯାହା ସେମାନଙ୍କ ଜୀବନର ଗୁଣବତ୍ତା ବୃଦ୍ଧି କରିବାରେ ସହାୟକ ହେବ । ଫାହାହିଲ୍ କ୍ଷେତ୍ର କଳା ସଚିବ ଶ୍ରୀଯୁକ୍ତ ବିନୋଦ ପାଣ୍ଡିର ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ସିଟି କ୍ଲିନିକ୍ ପରିଚାଳନାକୁ ଧନ୍ୟବାଦ ଦେବା ସହିତ ସେ ଡକ୍ଟର ରିତେଶ ଜୟସ୍ୱାଲ (ମେଡିକାଲ୍ ନିର୍ଦ୍ଦେଶକ ଏବଂ କ୍ୟାମ୍ପ କର୍ଡିନଟର) ଏବଂ ଶ୍ରୀଯୁକ୍ତ ଫାୱାସ୍ (ପରିଚାଳକ ସିଟି କ୍ଲିନିକ୍, ଫାହାହିଲ)ଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସମର୍ଥନ ଏବଂ ମାର୍ଗଦର୍ଶନ ପାଇଁ ନିଜର କୃତଜ୍ଞତା ପ୍ରକାଶ କରିଥିଲେ । ଶ୍ରୀଯୁକ୍ତ ପ୍ରଭାକରଣ, ଶ୍ରୀଯୁକ୍ତ ରବିକୁଟ୍ଟନ, ଶ୍ରୀଯୁକ୍ତ ମଧୁ, ଶ୍ରୀଯୁକ୍ତ ସୁରେଶ ବାବୁ ସ୍ୱାସ୍ଥ୍ୟ ଶିବିର କୁ କାର୍ଯ୍ୟକଳାପର ସମନ୍ୱୟ କରିଥିଲେ ।ଭାରତୀୟ ପ୍ରଭାସୀ ପରିଷଦ - ଓଡ଼ିଶା ୱିଙ୍ଗ୍ ପ୍ରତିନିଧୀ ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ଜେନା, ଶ୍ରୀଯୁକ୍ତ ସୁଶାନ୍ତ କୁମାର ସାହୁ, ଶ୍ରୀଯୁକ୍ତ ଘନଶ୍ୟାମ ପଲାଇ, ଶ୍ରୀ ଅଶୋକ କୁମାର ସ୍ୱାଇଁ, ଶ୍ରୀଯୁକ୍ତ ବୁଲୁ ସାମନ୍ତସିଂହାର୍ , ଶ୍ରୀଯୁକ୍ତ ସନ୍ତୋଷ କୁମାର ବିଶ୍ୱାଳ, ଶ୍ରୀଯୁକ୍ତ ମାନସ ରଂଜନ ରାଉଳ, ଶ୍ରୀଯୁକ୍ତ ନିର୍ମଳ କୁମାର ସାମଲ, ଶ୍ରୀଯୁକ୍ତ ବିନୋଦ ରଞ୍ଜନ ମଲ୍ଲିକ, ଶ୍ରୀକାନ୍ତ ନାୟକ, ଶ୍ରୀଯୁକ୍ତ ବିରଞ୍ଚି ସୁତାର, ଶ୍ରୀଯୁକ୍ତ ନୀଳମଣି ଖୁଣ୍ଟିଆ, ଶ୍ରୀ ଭୀମ ଯୁଜାର ସିଂ ଙ୍କ ମିଳିତ ସହଯୋଗରେ ପ୍ରବାସୀ ଓଡ଼ିଆ ୱିଙ୍ଗ - କୁଏତ ର ବିଭିନ୍ନ ପ୍ରାନ୍ତ ରୁ ଆସିଥବା ପ୍ରବାସୀ ଭାଇଙ୍କ ସ୍ୱାସ୍ଥ୍ୟ ଶିବିର ରେ ସ୍ୱେଚ୍ଛାସେବୀ କାର୍ଯ୍ୟକଳାପକୁ ସଂଯୋଜନା କରିବା ସହିତ ସମସ୍ତ ଯୁବପୀଢ଼ି ଙ୍କ ମଧରେ ଏକ ସେବାର ର ଉଦ୍ଧାରଣ ସୃଷ୍ଟି କରି ଥିଲେ ।

# ଯୁବକକୁ ମାରଣନ୍ତକ ଆକ୍ରମଣ ଘଟଣା : ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

ଧର୍ମଶାଳା,(ପିଏନ)- ଯାଜପୁର ଜିଲା ଧର୍ମଶାଳା ବ୍ଲକ ବଡଚଣା ବ୍ଲକ ସୀମାନ୍ତ ଅଂଚଳ କଦମପାଳ- ବନମାଳୀପୁର ମଧ୍ୟସ୍ଥଳରେ ବାଙ୍କି ବନ୍ଧ ନିକଟରେ ଘଟିଥିବା ବିଭତ୍ସ ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତକୁ ଗିରଫ କରିବା ତହ ବ୍ୟବହୃତ ଏକ ଧାରୁଆ କଟୁରୀକୁ ଜବତ କରିଛି । ଅଭିଯୁକ୍ତ ଜଣକ ହେଲେ ବନମାଳୀପୁର ଗ୍ରାମର ସମ୍ପର୍କୀୟ ଭାଇ ପ୍ରଶାନ୍ତ ସେଠୀ ବୋଲି ଜଣାପଡିଛି । ପାରିବାରିକ ପୂର୍ବ ଶତ୍ରୁତାରୁ ଏଭଳି କାଣ୍ଡ ଭିଆଇଥିବା ନେଇ ପୋଲିସ ଆଗରେ ପ୍ରଶାନ୍ତ ସ୍ୱୀକାର କରିଥିବା ନେଇ ଯାଜପୁର ଏସଡିପିଓ ଚିନ୍ମୟ କୁମାର ନାୟକ ବାଲିଚନ୍ଦ୍ରପୁର ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ସୂଚନା ଥାଉକି ଗତ କାଲି ସନ୍ଧ୍ୟା ୭ ଘଟିକା ସମୟରେ ଦୁର୍ବୃତଙ୍କ ଆକ୍ରମଣରେ ରାସ୍ତାରେ ଉପରେ ପଡିଥଲା ଏକ ଯୁବକର ମୃତ ଦେହ । ସ୍ଥାନୀୟ ଲୋକେ ରାସ୍ତାରେ ଯାତାୟତ ସମୟରେ ଦେଖିବାପରେ ଖବର ପଚାରିତ ହେବା ସହ ବାଲିଚନ୍ଦ୍ରପୁର ଥାନାକୁ ଖବର ଦିଆଯାଇଛି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ ଚଳାଇଥିଲା । ତଦନ୍ତ ସମୟରେ ମୃତ ଯୁବକର ପରିଚୟ ମିଳିଥିଲା । ମୃତ ଜଣକ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବନମାଳିପୁର ଗ୍ରାମର ଉତ୍ସବ ସେଠୀ(୩୨) ବୋଲି ଜଣାପଡିଥିଲା । ପୋଲିସ୨୮୦/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ଏବଂ ଘଟଣାସ୍ଥଳରୁ ଏକ ବାଇକ ଜବତ କରିଥିଲା । ବିଳମ୍ବିତ ରାତି ହେବାରୁ ଅଧିକ ତଦନ୍ତ ପାଇଁ ପୋଲିସ ସାଇଁଟିଫିକ ଦଳର ସହାୟତା ନେଇଥିଲା । ତେବେ ଆଜି ସକାଳେ କେନ୍ଦ୍ରାପଡାର ଏକ ସାଇଁଟିଫିକ ଦଳ ଆସି ଘଟଣାର ତଦନ୍ତ କରିଥିଲେ । ତଦନ୍ତ ପରେ ପୋଲିସ ମୃତ ଦେହକୁ ବ୍ୟବଚ୍ଛେଦ ନିମନ୍ତେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଥିଲେ ।




୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Wednesday May 28 ଭୁବନେଶ୍ୱର ବୁଧବାର, ୨୮, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ସକ୍ରିୟ ମାଓବାଦୀ ଆତ୍ମସମର୍ପଣ କରିଛି



ରାୟଗଡ଼ା,(ପି.ଏନ): ରାୟଗଡ଼ା ଆରକ୍ଷୀ ଅଧିକ୍ଷକଙ୍କ ସମ୍ମୁଖରେ ହାର୍ଡକୋର୍ ନକ୍ସଲ ବିଜୟ ପୁନେମ ଓରଫ ଅଜୟ ଆତ୍ମସମର୍ପଣ କରିଛନ୍ତି। ତାଙ୍କ ପାଇଁ ଓଡ଼ିଶା ସରକାର ଘୋଷଣା କରିଥିବା ୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଛି। ବିଜୟ ପୁନେମ ଓରଫ ଅଜୟ ସିପିଆଇ (ମାଓବାଦୀ) ସଂଗଠନରେ ୨୦୦୯ ମସିହାରେ ଯୋଗ ଦେଇଥିଲେ ଏବଂ ତାଙ୍କର ପ୍ରାଥମିକ ତାଲିମ ସମାପ୍ତ ହେବା ପରେ ସେ ମାଓବାଦୀ ମୋଡେମ ବାଳକୃଷ୍ଣ ଓରଫ ମନୋଜ, ସିସିଏମଙ୍କ ସହିତ ତାଙ୍କର ସୁରକ୍ଷା ଏବଂ ସୁରକ୍ଷା ଦଳରେ ସାମିଲ ହୋଇଥିଲେ। ୨୦୧୪ ମସିହାରେ ତାଙ୍କୁ ଏସିଏମ ପଦବୀକୁ ପଦୋନ୍ନତି ଦିଆଯାଇଥିଲା। ଏସିଏମ ପଦବୀକୁ ପଦୋନ୍ନତି ପାଇବା ପରେ ସେ ମନୋଜଙ୍କ ଗନମ୍ୟାନ ଭାବରେ କାମ ଜାରି ରଖିଥିଲେ। ୨୦୨୩ ମସିହାରେ ତାଙ୍କୁ ବିଜିଏନ ଡିଭିଜନକୁ ସ୍ଥାନାନ୍ତର କରାଯାଇଥିଲା, ୨୦୨୩-୨୦୨୪ ସେ ଯାତ୍ରା କରିଥିଲେ, ପହଞ୍ଚିଥିଲେ ଏବଂ ଜାନୁଆରୀ-୨୦୨୪ ରୁ ବିଜିଏନ ଡିଭିଜନର ଘୁମସର ଏସିରେ କାମ କରିବା ଆରମ୍ଭ କରିଥିଲେ। ସେ ମାଓବାଦି ୨୦୦୯-୨୦୧୦- ଛତିଶଗଡ଼ ଅଞ୍ଚଳରେ, ୨୦୧୧-୨୦୧୪- ମାଲକାନଗିରି-କୋରାପୁଟ ଅଞ୍ଚଳରେ, ୨୦୧୪-୨୦୨୪- ନୂଆପଡ଼ା- କଳାହାଣ୍ଡି-ବୌଦ୍ଧ-ମାଲକାନଗିରି-କୋରାପୁଟ-ରାୟଗଡ଼ା-କନ୍ଧମାଳ ଅଞ୍ଚଳ ରେ ସକ୍ରିୟ ମାଓବାଦୀ ରୁପେ କାର୍ଯ୍ୟକଳାପ ଜାରୀ ରଖିଥିଲେ।ସେ ଆତ୍ମସମର୍ପଣ କରିବା ସମୟରେ ତାଙ୍କର ବ୍ୟକ୍ତିଗତ ଅସ୍ତ୍ର (୯ ଏମ୍ଏମ୍ ପିସ୍ତଲ) ୯ ଏମ୍ଏମ୍ ଗୁଳି ୮ ରାଉଣ୍ଡ ଓ ଯୋଗାଯୋଗ ସେଟ୍ (ୱାକି ଟକି) -୧ ନମ୍ବର ସହିତ ଏସ୍.ପି. ରାୟଗଡ଼ା ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା କାରଣ ଦର୍ଶାଇ ଥିଲେ ଯେ ସିପିଆଇ (ମାଓବାଦୀ) କ୍ୟାଡରଙ୍କ ଭୁଲ ଚିନ୍ତାଧାରା। ନେତୃତ୍ୱର ଅଭଦ୍ର ଏବଂ ଅସ୍ୱାଭାବିକ ଆଚରଣ,ସୁରକ୍ଷା ବାହିନୀ ଦ୍ୱାରା ସେମାନଙ୍କ କାର୍ଯ୍ୟକ୍ଷମ ଅଞ୍ଚଳରେ ବାରମ୍ବାର ଅପରେସନ,ପର୍ଯ୍ୟାପ୍ତ ଖାଦ୍ୟ, ପାଣି ଏବଂ କପଡା ନାହିଁ, ଓଡ଼ିଶା ସରକାରଙ୍କ ଆତ୍ମସମର୍ପଣ ଏବଂ ପୁନର୍ବାସ ଯୋଜନା ଅନୁଯାୟୀ ସେମାନଙ୍କୁ ଆର୍ଥିକ ସହାୟତା ମିଳିବ। ସେମାନେ ଘର ନିର୍ମାଣ, ପାଠପଢ଼ା ଏବଂ ସେମାନଙ୍କ ପସନ୍ଦର ବାଣିଜ୍ୟ / ବୃତ୍ତିରେ ତାଲିମ ପାଇବା ପାଇଁ ମଧ୍ୟ ସହାୟତା ପାଇବେ। ଜନ୍ମସ୍ଥାନରୁ ଦୂରତା, ଓଡ଼ିଶାର ଭାଷା ସମସ୍ୟା ଦେଖାଦେଇଛନ୍ତି।

# କୋଣାର୍କରେ ୪ଦିନିଆ ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଉଦଘାଟିତ



କୋଣାର୍କ,( ପି,ଏନ): ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ଯାତ୍ରୀ ନିବାସ ବାଙ୍କୁଏଟ ହଲ ଠାରେ ସାମାଜିକ ଆନୁଷ୍ଠାନ ପ୍ରୋଜେକ୍ଟ ପଏଣ୍ଟ ଆନୁକୁଲ୍ୟରେ ୪ଦିନିଆ ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । ଯୁବ ନେତୃତ୍ୱ ଓ ଭାଗିଦାରୀ ଗଣତନ୍ତ୍ରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରୋଜେକ୍ଟ ପଏଣ୍ଟର ଅଧକ୍ଷ ଡ଼ଃ ସଂଗ୍ରାମ କେଶରୀ ସାମନ୍ତରାୟ କାର୍ଯ୍ୟକ୍ରମର ରୂପରେଖ ଉପରେ ଆଲୋଚ଼ନା କରିଥିଲେ। ନେହେରୁ ଯୁବ କେନ୍ଦ୍ରର ପୂର୍ବତନ ନିର୍ଦେଶକ ସତ୍ୟପ୍ରକାଶ ପଟ୍ଟନାୟକ ତଥା ଏହି କାର୍ଯ୍ୟକ୍ରମ ଅଧକ୍ଷ ସମାଜରେ ଗ୍ରାମାଞ୍ଚଳର ଯୁବକ ମାନଙ୍କର ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ସହିତ ବିକଶିତ ଭାରତକୁ କିଭଳି ଆଗକୁ ବଢ଼ିବାରେ ସହଯୋଗ କରିପାରିବେ ସେ ବିଷୟରେ ଆଲୋଚ଼ନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମର ଉପାଧ୍ୟକ୍ଷ ଶୁଭ୍ରୋ ରାଓ କାର୍ଯ୍ୟକ୍ରମର ନିର୍ଦେଶକ ତଥା ବରିଷ୍ଠ ସମାଜସେବୀ ରାମକୃଷ୍ଣ ମହାନ୍ତି ଓ ସାମାଜିକ ସଂଗଠନ ୟଙ୍ଗ ଇଣ୍ଡିଆର ସଭାପତି ଏନଏ ଶାହା ଅନସାରୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ୪ଦିନିଆ କାର୍ଯ୍ୟକ୍ରମରେ ଭାରତବର୍ଷର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୮୧ ଜଣ ଯୁବ ପ୍ରତିଭା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଗଣତାନ୍ତ୍ରିକ ଯୋଗାଯୋଗ, ନେତୃତ୍ୱ ବିକାଶ, ସାଂସ୍କୃତିକ ବିନିମୟ ଏବଂ ଅଭିନବ ନୀତି ଆଲୋଚ଼ନାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ପ୍ଲାଟଫର୍ମ ପ୍ରସ୍ତୁତ କରାଯାଇଛି । ଯୁବ ସଂସଦ, ଜଳବାୟୁ ପରିବର୍ତ୍ତନ, ନିଯୁକ୍ତି, ଡିଜିଟାଲ ଉଦ୍ଭାବନ, ନେତୃତ୍ୱରେ ମହିଳା, ଆଦିବାସୀ ସଂସ୍କୃତି ଏବଂ ପର୍ଯ୍ୟଟନ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ଜାତୀୟ ପ୍ରସଙ୍ଗ ଉପରେ ସଂସଦୀୟ ବିତର୍କର ଅଧିବେଶନକୁ ଅନୁକରଣ ଓ ଆଲୋଚ଼ନା କରାଯିବା ନେଇ ପ୍ରସ୍ତାବ ମାନ ରହିଛି । ଏହି କାର୍ଯ୍ୟକ୍ରମକୁ ସ୍ୱାଧୀନ ନାୟକ, ବିକ୍ରମ କେଶରୀ ସାମନ୍ତରାୟ, ନିରଞ୍ଜନ ତ୍ରିପାଠୀ,ଅଭିନୀତ ସ୍ୱାଇଁ, ରାକେଶ ମଲ୍ଲିକ, ସୁଭଦ୍ରା ସାହୁ ଓ ରାଜଶ୍ରୀ ନାଥ ପ୍ରମୁଖ ପରିଚ଼ାଳନା କରିଥିଲେ ।

## ୟୁଜେଏ ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ

ଯାଜପୁର ,ପି.ଏନ): ରାଜ୍ୟରେ ସାମ୍ବାଦିକ ମାନଙ୍କ ଉପରେ ବୃଦ୍ଧି ପାଇଥିବା ଆକ୍ରମଣର ପ୍ରତିବାଦ ଏବଂ ବଲାଙ୍ଗୀରରେ ସାମ୍ବାଦିକ ବିଜୟ ପ୍ରଧାନଙ୍କ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ ଠିକାଦାରକୁ ତୁରନ୍ତ ଗିରଫ କରିବାକୁ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ନିଷ୍ପତ୍ତି କ୍ରମେ ସଂଘର ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବୀ କରାଯାଇଛି। ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ ଏବଂ ଜିଲ୍ଲା ସଭାପତି ହରିହର ସ୍ୱାଇଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଜି ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ମର୍ମରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘର ଜିଲ୍ଲା ଉପସଭାପତି ପବିତ୍ର ମହାନ୍ତି, ସମ୍ପାଦକ ସୁବାଶିଷ ରାଉତ, ଜାତୀୟ କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରଦୀପ୍ତ ଚନ୍ଦ, ସଂଜୟ କର, ବିଦ୍ୟାଧର ସାହୁ, ଭରତ ନାୟକ, ଦିବ୍ୟକାନ୍ତ କର, ଅଜୟ ମିଶ୍ର, ଲିଙ୍ଗରାଜ ସାହୁ, ଅଜୟ ବେହେରା,ସୁରେଶ କର, ବାଞ୍ଛାନିଧି ସାହୁ, ଅଜୟ ଜେନା, ବସୁବନ୍ଧୁ ଦାସ, ଶଙ୍କର ସେଠୀ, ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦିବାକର ଛାଟୋଇ ସାଂସଦଙ୍କ ପ୍ରତିନିଧି ମନୋନୀତ



ଭୁବନେଶ୍ୱର,(ପି. ଏନ୍): ଜଗତସିଂହପୁର ଲୋକସଭା ସଂସଦୀୟ କ୍ଷେତ୍ର ଅନ୍ତର୍ଭୁକ୍ତ ୧୦୫-- କାକଟପୁର ବିଧାନସଭା ନିର୍ବାଚ଼ନ ମଣ୍ଡଳୀ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପାଇଁ ସାଂସଦ ଡ. ବିଭୁ ପ୍ରସାଦ ତରାଇ ତାଙ୍କ ପ୍ରତିନିଧି ଭାବେ ବରିଷ୍ଠ ବିଜେପି ନେତା ଦିବାକର ଛାଟୋଇଙ୍କୁ ମନୋନୀତ କରିଛନ୍ତି। ଏ ସଂପର୍କରେ ସାଂସଦ ଡ. ତରାଇ ପୁରୀ ଜିଲ୍ଲାପାଳଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇ ତାଙ୍କ ତରଫରୁ ଶ୍ରୀ ଛାଟୋଇ ଅସ୍ତରଙ୍ଗ ବ୍ଲକ ପ୍ରଶାସନ ଅନ୍ତର୍ଗତ ସମସ୍ତ ସରକାରୀ କାର୍ଯ୍ୟରେ ପ୍ରତିନିଧିତ୍ୱ କରିବେ ବୋଲି ଉଲ୍ଲେଖ କରିଛନ୍ତି। ଥରେ ସରପଞ୍ଚ ଓ ଠାରେ ସମିତି ସଭ୍ୟ ଭାବେ ନିର୍ବାଚ଼ିତ ହୋଇଥିବା ଶ୍ରୀ ଛାଟୋଇ ଜଣେ ଦୃଢ଼ ରାଜନୈତିକ ସଂଗଠକ ଭାବେ ଅସ୍ତରଙ୍ଗ ବ୍ଲକ ତଥା ସମଗ୍ର ନିର୍ବାଚ଼ନ ମଣ୍ଡଳୀରେ ସୁନାମ ଅର୍ଜନ କରିଛନ୍ତି। ତାଙ୍କ ଧର୍ମପତ୍ନୀ ସସ୍ମିତା ଛାଟୋଇ ୨୦୦୭ ଠାରୁ ୨୦୧୨ ମସିହା ପର୍ଯ୍ୟନ୍ତ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଥିଲେ।ଏହି ସମୟ ମଧ୍ୟରେ ଶ୍ରୀ ଛାଟୋଇଙ୍କ ବଳିଷ୍ଠ ନେତୃତ୍ୱରେ ବ୍ଲକ ଅଞ୍ଚଳରେ ବିଭିନ୍ନ ଦୃଷ୍ଟାନ୍ତମୂଳକ ଜନ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ହେବା ସହ ସେ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇ ପାରିଥିଲେ।୨୦୨୨ ପଞ୍ଚାୟତ ନିର୍ବାଚ଼ନରେ ଶ୍ରୀ ଛାଟୋଇଙ୍କ ନେତୃତ୍ୱରେ ନିର୍ବାଚ଼ନ ପରିଚ଼ାଳନା କରାଯାଇଥିଲା।ସେତେବେଳେ ତତ୍କାଳୀନ ବିଜେଡ଼ି ସରକାର କ୍ଷମତାରେ ଥିଲେ ମଧ୍ୟ ଶ୍ରୀ ଛାଟୋଇଙ୍କ ଗୋଟି ଚ଼ାଳନା ଯୋଗୁଁ ତାଙ୍କ ଶିବିର ପଞ୍ଚାୟତ ସମିତି ଅଧ୍ୟକ୍ଷା ପଦ ଦାଖଲ କରିବାରେ ସମର୍ଥ ହୋଇଥଲା। ସାଂସଦଙ୍କ ବ୍ଲକ ପ୍ରତିନିଧି ଭାବେ ମନୋନୀତ ହେବା ପରେ ସେ ସାଂସଦ ଡ.ତରାଇ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସାଂସଦଙ୍କ ପୁରୀ ଜିଲ୍ଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁଙ୍କ ସମେତ ବ୍ଲକ ତଥା ନିର୍ବାଚ଼ନ ମଣ୍ଡଳୀର ସମସ୍ତ ବରିଷ୍ଠ ନେତୃତ୍ୱଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ବିଜେପି ଅନୁଗୁଳ ଜିଲ୍ଲା କୋର କମିଟି ବୈଠକ



ଅନୁଗୁଳ ,(ପି.ଏନ):ଅନୁଗୁଳ ଜିଲ୍ଲା ବିଜେପି କାର୍ଯ୍ୟାଳୟ ରେ ମଙ୍ଗଳ ବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଜିଲ୍ଲା ର କୋର କମିଟି ବୈଠକ ରେ ବିଭିନ୍ନ କାର୍ଯ୍ୟକ୍ରମ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ଜିଲ୍ଲା ଗସ୍ତ ଏବଂ ପାର୍ଟି ଦେଇଥିବା କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରାଯାଇଥିଲା ।ପୁନଶ୍ଚ ଆଗାମୀ ଦିନରେ ଅହଲ୍ୟା ବାଇ ଙ୍କ ଜୟନ୍ତୀ ଆଗାମୀ ମେ ୩୧ ତାରିଖ ରେ ପାଳନ କରାଯିବା ଉପରେ ଆଲୋଚନା କରାଯାଇଥିଲା ।ସମସ୍ତ ମଣ୍ଡଳ କମିଟି ଗଠନ ଉପରେ ଆଲୋଚନା କରାଯାଇଥିଲା ।ଅନ୍ୟ ମାନଙ୍କ ମଧ୍ୟରେ ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଦିଲ୍ଲୀପ ପ୍ରଧାନ, ଚୌଧୁରୀ ପ୍ରଧାନ, ବିଜୟ ମାଝୀ, ସୁଦିପ ଗଡ଼ନାୟକ, ପ୍ରକାଶ ମହାରଣା, ପର୍ଶୁରାମ ବାରିକ, ଚିତ୍ତରଂଜନ ମେହେର, ଦିଲ୍ଲୀପ ଦାସ,ଅକ୍ଷୟ ପାଦ ବେହେରା, ଗୋପବନ୍ଧୁ ଗଡ଼ନାୟକ ଙ୍କ ସମେତ ସମସ୍ତ କୋର କମିଟି ସଦସ୍ୟ ଯୋଗ ଦେଇଥିଲେ ।

# ରହସ୍ୟମୟ ହୋଇ ପଡ଼ିଛି ଅଁତରୁ ମାଝି ନିଖୋଜ ପରେ ହତ୍ୟା ମାମଲା



କଳମପୁର,(ପି.ଏନ): କଳମପୁର ଥାନା ଅନ୍ତର୍ଗତ ଦେପୁର ଗ୍ରାମର ଅଁତରୁ(ରୂପ ସିଂ) ମାଝିଙ୍କ ନିଖୋଜ ପରେ ହତ୍ୟା ଘଟଣା ରହସ୍ୟମୟ ହୋଇ ପଡ଼ିଛି, ଅଁତରୁ ମୃତ ନା ଜୀବିତ ଏହାରି ଉପରୁ ୮ଦିନ ପରେ ବି ପରଦା ହଟିପାରୁନାହି, ଅଁତରୁ ମାଝି ଘରୁ ବାହାରି ଯିବା ପରେ ତାର ସନ୍ଧାନ ମିଳିନଥିଲା, ପରିବାର ଲୋକେ ଥାନାରେ ନିଖୋଜ ଅଭିଯୋଗ କଲେ,ପରେ ନିକଟରେ ଥିବା ବୈଝାଳି (ବନ୍ଧ ) ସାଗର ଆଖପାଖରେ ରକ୍ତର ଛିଟା ପରିବାର ଲୋକେ ଦେଖିବାକୁ ପାଇଲେ, ପଞ୍ଚାୟତ ନିକଟରେ ଅଁତରୁର ଟଙ୍କା ପଇସା ଓ ବସ୍ତ୍ର ଦେଖି ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଥାନାରେ ପୂନର୍ବାର ଏତଲା କଲେ, ପୋଲିସ ଘଟଣାସ୍ଥଳରେ ପହଞ୍ଚି ପୋଖରି ଭିତରେ ଶବ ଫିଙ୍ଗା ଯାଇଥିବା ପରିବାର ଲୋକଙ୍କ ଅଭିଯୋଗ କ୍ରମେ କଳମପୁର ଅଗ୍ନିଶମ ବାହିନୀକୁ ଡକାଇ ଦୁଇଦିନ ପର୍ଯ୍ୟନ୍ତ ଖୋଜିବା ଆରମ୍ଭ କଲେ, କିନ୍ତୁ ଶବ କି ସୂରାଗ ମିଳିଲା ନାହିଁ,ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ ପହଞ୍ଚି ନମୁନା ସଂଗ୍ରହ ସହିତ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କଲେ, ଜିଲ୍ଲା ବାହାରୁ ଓଡ୍ରାପ ଟିମ ଆସି ସଂପୂର୍ଣ୍ଣ ପୋଖରି ତଲାସୀ କଲେ, ସେଥିରେ ମଧ୍ୟ କିଛି ସୁଫଳ ମିଳିଲା ନାହିଁ, ଘଟଣା ଘଟିବାର ଦିନକୁ ଦିନ ସମୟ ବିତି ଚ଼ାଲିଥିବା ବେଳେ ପୋଲିସ ବିଭିନ୍ନ ଦିଗକୁ ନେଇ ଏହି ଘଟଣାର ପର୍ଦ୍ଦାଫାଶ କରିବାକୁ ଉଦ୍ୟମ କରିଛି, ହେଲେ ୮ଦିନ ଅତିକ୍ରାନ୍ତ ପରେ ବି ପୋଲିସ ଠାରୁ କୌଣସି ସନ୍ତୋଷ ଜନକ ଉତ୍ତର ନ ପାଇ ଆଜି ମଙ୍ଗଳବାର ଦିନ ଅଁତରୁର ପରିବାର ଲୋକେ ଥାନାରେ ଆସି ଦିନ ତମାମ ଧାରଣା ଦେଇଥିଲେ , ସକାଳରୁ ସଂଧ୍ୟା ପର୍ଯ୍ୟନ୍ତ ଅଁତରୁର ସ୍ତ୍ରୀ ପୁଅ ଝିଅ ଜ୍ୱାଇଁ ସମେତ ବନ୍ଧୁବାନ୍ଧବ ଆସି ଆମକୁ ନ୍ୟାୟ ଦିଅ ତାହା ହେଉଛି ସୁପରିକଳ୍ପିତ ହତ୍ୟାକାଣ୍ଡ ,ଘଟଣା ପରଠୁ ଯେଉଁମାନେ ଫେରାର ଅଛନ୍ତି ସେମାନଙ୍କୁ ଧରନ୍ତୁ,ଆଉ ଶବ ଉଦ୍ଧାର କରି ଦିଅନ୍ତୁ ବୋଲି ପୋଲିସ ପାଖରେ ଦାବି ରଖିଥିଲେ, ଥାନା ଅଧିକାରୀ ନୀଳାମ୍ବର ଜାନୀ ବହୁତ ବୁଝାବୁଝି କରି କହିଥିଲେ ଯେ ଆମର ତଦନ୍ତ ପ୍ରକ୍ରିୟା ଚ଼ାଲୁ ରହିଛି,ଆପଣ ମାନେ ଧର୍ଯ୍ୟ ଧରନ୍ତୁ,ଖୁବ କମ ସମୟରେ ଏହି ଘଟଣାରୁ ପରଦା ହଟିବ, ଏହାପରେ ଧାରଣାରେ ବସିଥିବା ଲୋକେ ଯଦି ଦୁଇ ତିନି ଦିନ ମଧ୍ୟରେ ପରଦା ନ ହଟେ ତେବେ ଆମ୍ଭେ ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି ଚେତାବନୀ ଦେଇ ନିଜ ଗ୍ରାମକୁ ଫେରି ଯାଇଥିଲେ, ଏନେଇ କଳାହାଣ୍ଡି ଏସପି ନାଗରାଜ ଦେବରକୋଣ୍ଡାଙ୍କୁ ପଚ଼ାରିବାରୁ ଫେରାର ଥିବା ଲୋକଙ୍କ ମଧ୍ୟରୁ ଦୁଇ ଜଣ ସଂଧିଗ୍ଧଙ୍କୁ କାବୁ କରାଯାଇଛି ଏବଂ ତଦନ୍ତ ଚ଼ାଲିଛି, ଏହି ଘଟଣାର ସତ୍ୟତା ଉଜାଗର ପାଇଁ ଆମେ ଚେଷ୍ଟା କରୁଛୁ ବୋଲି କହିଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray